# ବନ୍ଦ କର ଗପ !



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାର୍ଲ୍ଡ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨ ୦ ୨ ୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ୍ଦର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Shhh ! No Gossip ! (Odia)**

# ବନ୍ଧ କର୍ ଗପ !

# ସୂଚୀପତ୍ର


**୧. ବୃଥା ଗପସପ** **୧**

ଗପସପ କ'ଣ

କେଉଁ ବିଷୟ ବୃଥା ଗପସପ ନୁହେଁ

**୨. କେଉଁ ସାଧାରଣ ପରିସ୍ଥିତିରେ ଗପସପ ହୁଏ** **୭**

କ. ଗୋଷ୍ଠୀ ଗପସପ

ଖ. କର୍ମସ୍ଥଳରେ ଗପସପ

ଗ. ସାମାଜିକ ଗଣମାଧ୍ୟମରେ ଗପସପ

**୩. ଗପସପର ନକାରାତ୍ମକ ପ୍ରଭାବସବୁ** **୧୩**

୧. ବୃଥା ଗପସପ ନିଷ୍ଫଳ ଓ ସମୟର ଅପଚୟ

୨. ବୃଥା ଗପସପ ଦ୍ୱାରା ବ୍ୟକ୍ତିର ନିର୍ଭରଯୋଗ୍ୟତା ହ୍ରାସ ପାଏ କାରଣ ସେହି ବ୍ୟକ୍ତିର ସୁନାମରେ ଆଞ୍ଚ ଆସେ ଓ ତା'ର ଚରିତ୍ର ସଂହାର ହୋଇଥାଏ

୩. ବୃଥା ଗପସପ ଲୋକଙ୍କର ଭାବପ୍ରବଣତାକୁ ପ୍ରଭାବିତ କରିଥାଏ

୪. ବୃଥା ଗପସପ ସମ୍ପର୍କ ନଷ୍ଟ କରେ

**୪. ଗପସପ ବିରୁଦ୍ଧରେ ଈଶ୍ୱରଙ୍କର କଡ଼ା ଆଭିମୁଖ୍ୟ** **୧୭**

**୫. ଗପସପର ମୁକାବିଲା କିପରି କରିବେ ?** **୧୯**

କ. ଗପସପର ଊର୍ଦ୍ଧ୍ୱକୁ ଉଠନ୍ତୁ

ଖ. ପ୍ରେମରେ ସାମ୍ନା କରନ୍ତୁ

ଗ. ଗପସପର ଅନ୍ତ ହେଉ

ଘ. ପ୍ରାର୍ଥନା କରନ୍ତୁ, କ୍ଷମା ଦିଅନ୍ତୁ ଓ ମୁକ୍ତ କରନ୍ତୁ

ଆସନ୍ତୁ ଆମେ ସମ୍ପ୍ରଦାୟକୁ ଗପସପମୁକ୍ତ କରିବା

**୬. ପ୍ରାର୍ଥନା** **୨୩**

୧. ପାପ ସ୍ୱୀକାର ଓ ଅନୁତାପର ପ୍ରାର୍ଥନା

୨. ଅତୀତରେ ବୃଥା ଗପ ଦ୍ୱାରା ଆଘାତପ୍ରାପ୍ତ ଲୋକଙ୍କ ପାଇଁ ପ୍ରାର୍ଥନା

୩. ଗପସପର ପରିବେଶ ମଧ୍ୟରେ ରହିଥିବା ଲୋକଙ୍କ ନିମନ୍ତେ ପ୍ରାର୍ଥନା

# ୧

# ବୃଥା ଗପସପ

ବାଇବଲରେ, ଦାଉଦଙ୍କ ରଚିତ ଗୀତ ୧୫ରେ ଈଶ୍ୱରଙ୍କ ସାନ୍ନିଧ୍ୟରେ ବାସ କରି ଓ ତାହାଙ୍କର ଉପାସନା କରି ତାଙ୍କ ସହିତ ସହଭାଗିତା ରକ୍ଷା କରିପାରୁଥିବା ଜଣେ ବ୍ୟକ୍ତିର ବର୍ଣ୍ଣନା ରହିଛି ।

''ହେ ସଦାପ୍ରଭୋ, ତୁମ୍ଭ ଆବାସରେ କିଏ ପ୍ରବାସ କରିବ ? ତୁମ ପବିତ୍ର ପର୍ବତରେ କିଏ ବାସ କରିବ ? ଯେଉଁ ଜନ ସରଳାଚରଣ ଓ ଧର୍ମକର୍ମ କରେ ଓ ଆପଣା ଅନ୍ତଃକରଣରେ ସତ୍ୟ କହେ । ଯେ ଆପଣା ଜିହ୍ୱାରେ ଗ୍ଲାନି କରେ ନାହିଁ, ଅବା ଆପଣା ମିତ୍ରର ଅନିଷ୍ଟ କରେନାହିଁ, କିଅବା ଆପଣା ପ୍ରତିବାସୀ ବିରୁଦ୍ଧରେ ନିନ୍ଦା ପ୍ରକଟ କରେ ନାହିଁ । ଯାହାର ଦୃଷ୍ଟିରେ ପାମର ତୁଚ୍ଛୀକୃତ ହୁଏ; ମାତ୍ର ଯେ ସଦାପ୍ରଭୁଙ୍କ ଭୟକାରୀମାନଙ୍କୁ ସମାଦର କରେ । ଯେ ଶପଥ କରି ଆପଣାର କ୍ଷତି ହେଲେ ହେଁ ତାହା ଅନ୍ୟଥା କରେ ନାହିଁ । ଯେ ସୁଧ ପାଇଁ ଟଙ୍କା ଋଣ ଦିଏ ନାହିଁ, କିଅବା ନିର୍ଦ୍ଦୋଷ ବିରୁଦ୍ଧରେ ଲାଞ୍ଚ ନିଏ ନାହିଁ । ଯେ ଏହି ସକଳ କର୍ମ କରେ, ସେ କେବେ ଘୁଞ୍ଚାଯିବ ନାହିଁ''(ଗୀତ ୧୫: ୧-୫) ।

ଏହି ଗୀତରେ ଏପରି ଜଣେ ବ୍ୟକ୍ତିର ଅନେକ ଗୁଣର ବର୍ଣ୍ଣନା ରହିଛି, ତେବେ ଆମେ ୩ ପଦକୁ ନେଇ ଆଲୋଚନା କରିବା । ଗୀତ ୧୫:୩ - ''ଯାହାର ମୁଖରେ ପରନିନ୍ଦା ନ ଥାଏ, ଯେ ଆପଣା ବନ୍ଧୁର ଅନିଷ୍ଟ କରେ ନାହିଁ, ସେ ପ୍ରତିବେଶୀର କୁତ୍ସାରଟନା କରେ ନାହିଁ ।''

ବୃଥା ଗପସପ, ଚୁଗୁଲି, ଅନ୍ୟମାନଙ୍କର କୁତ୍ସାରଟନା କରିବା ଏପରି ଏକ ପାପ ଯାହାକୁ ଆମେ ପ୍ରାୟଶଃ ହାଲୁକା ଭାବରେ ଗ୍ରହଣ କରିଥାଉ, କିନ୍ତୁ ଏସବୁ ଈଶ୍ୱରଙ୍କ ସଙ୍ଗେ ଆମର ସମ୍ପର୍କକୁ କ୍ଷୁଣ୍ଣ କରିଥାଏ । ଏ ସମସ୍ତ ପାପ ଈଶ୍ୱରଙ୍କ ସଙ୍ଗେ ଆମର ସହଭାଗିତାରେ ଓ ତାଙ୍କୁ ଉପାସନା କରିବାରେ ଓ ତାଙ୍କର ଉପସ୍ଥିତିକୁ ଅନୁଭବ କରିବାରେ ଅନ୍ତରାୟ ସୃଷ୍ଟି କରିଥାଏ ।

## ଗପସପ କ'ଣ

ଅକ୍ସଫୋର୍ଡ଼ ଅଭିଧାନରେ ଗପସପ ବା gossip ର ଅର୍ଥ– ଅନ୍ୟମାନଙ୍କ ସମ୍ପର୍କରେ ସାମୟିକ ବା ଅସଂଯତ ଭାବରେ କଥାବାର୍ତ୍ତା କରିବା ବା ରିପୋର୍ଟ ଦେବା, ଯେତେବେଳେ ଉକ୍ତ ବିଷୟର ସତ୍ୟତା ପ୍ରମାଣିତ ହୋଇ ନ ଥାଏ । ଗପସପ କହିଲେ ଭିତ୍ତିହୀନ କଥାବାର୍ତ୍ତା ବା ଉଡ଼ା ଖବର ଉପରେ ଚର୍ଚ୍ଚା କରିବା, ଯାହା ଅନ୍ୟମାନଙ୍କର ବ୍ୟକ୍ତିଗତ ବା ଗୋପନୀୟତା ଉପରେ ଆଧାରିତ । ଏହାଦ୍ୱାରା ଲୋକମାନଙ୍କ ସମ୍ପର୍କରେ ଭୁଲ ତଥ୍ୟ ପ୍ରସାରିତ ହୋଇଥାଏ ।

ଏହି ପୁସ୍ତକରେ ନିମ୍ନ କେତୋଟି ପଦ ବ୍ୟବହୃତ ହୋଇଛି, ଯଦିବା ସେସବୁ ମଧ୍ୟରେ ଥିବା ଅର୍ଥର ପ୍ରଭେଦ ଅତି ସାମାନ୍ୟ ଅଟେ: ଗପସପ, ଚୁଗୁଲି, ନିନ୍ଦା କରିବା, ଗୋପନରେ ଆଘାତ, କାନକୁହା, ଗୁଜବ ରଚନାକାରୀ, ଖଟୁଆ । କେତୋଟି ପଦକୁ ଆମେ ବୁଝିବା ଆବଶ୍ୟକ ।

**ଚୁଗୁଲି କରିବା** (backbiting)ର ଅର୍ଥ ଜଣକର ଅନୁପସ୍ଥିତିରେ ତା' ବିଷୟରେ ବିଦ୍ୱେଷମୂଳକ କଥାବାର୍ତ୍ତା କରିବା; ନିଜର ପକ୍ଷ ସମର୍ଥନ କରିବାକୁ ସୁଯୋଗ ନ ଦେଇ ସେମାନଙ୍କର ସୁଖ୍ୟାତିରେ କ୍ଷତି ପହଞ୍ଚାଇବା । ଅନ୍ୟଭାଷାରେ କହିଲେ, ପଛରୁ ସେମାନଙ୍କୁ କାମୁଡ଼ିବା ବା ଆକ୍ରମଣ କରିବା ।

**ଗୋପନରେ ଆଘାତ** (back-stabbing): କୌଣସି ବ୍ୟକ୍ତି ସଙ୍ଗେ ବନ୍ଧୁତା ଥିବା ଛଳନା କରି ବିଶ୍ୱାସଘାତକତାପୂର୍ବକ ସମାଲୋଚନା କରିବା ।

**ନିନ୍ଦା** (slander): କାହାରି ବିରୁଦ୍ଧରେ ମିଥ୍ୟା, ନକାରାତ୍ମକ, ଈର୍ଷାପରାୟଣ ଓ ମାନହାନିକର କଥା ବା ରିପୋର୍ଟ ପ୍ରଘଟ କରିବା ।

**ଖଟୁଆ** (tattle tale, talebearer):ଜଣେ ବ୍ୟକ୍ତିର ଭୁଲଭ୍ରାନ୍ତିକୁ ଉପର କର୍ତ୍ତୃପକ୍ଷଙ୍କ ନିକଟରେ ଯେ ଜଣାଏ, ଯେପରି କି ଉକ୍ତ ବ୍ୟକ୍ତି ଅସୁବିଧାରେ ପଡ଼ିବ । ଏଥିରେ ସମସ୍ୟାର ସମାଧାନ ନ ଥାଏ ।

ପୁରାତନ ନିୟମରେ ଗୋଷ୍ଠୀ ଜୀବନ ସମ୍ପର୍କରେ ତାଙ୍କ ଲୋକମାନଙ୍କୁ ନିର୍ଦ୍ଦେଶ ଦେବା ବେଳେ ଈଶ୍ୱର ଏପରି କହିଥିଲେ–

''ତୁମ୍ଭେ ମିଥ୍ୟାପବାଦ ଉତ୍ଥାପନ କରିବ ନାହିଁ; ଅନ୍ୟାୟ ସାକ୍ଷୀ ହୋଇ ଦୁଷ୍ଟର ସାହାଯ୍ୟ କରିବ ନାହିଁ''(ଯାତ୍ରା ୨୩:୧) ।

''ତୁମ୍ଭେ ଖଚୁଆ ହୋଇ ଆପଣା ଲୋକମାନଙ୍କ ମଧ୍ୟରେ ଏଣେତେଣେ ବୁଲିବ ନାହିଁ; କିଅବା ତୁମ୍ଭ ପ୍ରତିବାସୀର ରକ୍ତ ପ୍ରତିକୂଳରେ ଠିଆ ହେବ ନାହିଁ; ଆମ୍ଭେ ସଦାପ୍ରଭୁ'' (ଲେବୀ ୧୯: ୧୬) ।

ଦୁର୍ଭାଗ୍ୟବଶତଃ, କିଛି ବ୍ୟକ୍ତି ବାଜେଗପରେ ବା ଖଟମିଛ କହିବାରେ ଆନନ୍ଦ ପାଇଥାନ୍ତି । ସେମାନେ ବୃଥା ଗପସପକୁ 'ବହୁମୂଲ୍ୟ ଭୋଜନ' ମଣିଥାନ୍ତି । ସେମାନେ ବୃଥା ଗପସପ ଓ ପରଚର୍ଚ୍ଚାକୁ ଉପଭୋଗ କରିଥାନ୍ତି । ଘଣ୍ଟାଏ କାଳ ବା ଅଧିକ ସମୟ ଏପରି ଗପସପ କଲେ ସେମାନେ ପୁରା ସନ୍ତୁଷ୍ଟ ମନେ କରନ୍ତି । ଉଡ଼ା ଖବର ଯେକୌଣସି ବ୍ୟକ୍ତିର ହୃଦୟ ମଧ୍ୟରେ ସହଜରେ ପ୍ରବେଶ କରେ । ଆମେ ମନେକରୁ ଯେ ଆମେ ହାଲୁକା ଭାବରେ କଥାବାର୍ତ୍ତା କରୁଛୁ ଯାହାର ଫଳାଫଳ କିଛି ନାହିଁ । କିନ୍ତୁ ପରଚର୍ଚ୍ଚା ଲୋକମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ ।

''କାନେ କାନେ କହିବା ଲୋକର ବାକ୍ୟ ଅମୃତ ତୁଲ୍ୟ, ତାହା ଉଦରର ଅନ୍ତରାଳୟକୁ ଚାଲିଯାଏ'' (ହିତୋ ୧୮:୮ ଓ ୨୬:୨୨) ।

## କେଉଁ ବିଷୟ ବୃଥା ଗପସପ ନୁହେଁ

ବିଭିନ୍ନ ସମୟରେ ଆମେ ଅନ୍ୟମାନଙ୍କ ବିଷୟରେ କଥାବାର୍ତ୍ତା ହୋଇଥାଉ; ସେମାନଙ୍କର ସାମର୍ଥ୍ୟ, ଦୁର୍ବଳତା ଓ ବିଫଳତାସବୁକୁ ମୂଲ୍ୟାୟନ କରିଥାଉ । ତଥାପି, ଏସବୁକୁ ବୃଥା ଗପସପ କୁହାଯିବ ନାହିଁ ଯଦି ସେସବୁର ଉଦ୍ଦେଶ୍ୟ ଉତ୍ତମ ଥାଏ ଓ ବିଦ୍ୱେଷମୂଳକ ହୋଇ ନ ଥାଏ । କେତୋଟି ଉଦାହରଣ ଦେଖିବା:

***୧. କାହା ମର୍ଯ୍ୟାଦାହାନି ନ କରି ତାଙ୍କ ବିଷୟରେ ସାମୟିକ କଥାବାର୍ତ୍ତା କରିବା ବା ତାଙ୍କର ତଥ୍ୟ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବା***

ଧରନ୍ତୁ ଆପଣ କାହାକୁ ଭେଟିଲେ ଓ ତାଙ୍କ ସଙ୍ଗେ ଯେଉଁ ଆଲୋଚନା ହେଲା ତାକୁ ଅନ୍ୟମାନଙ୍କୁ କହିଲେ ଏବଂ ଉକ୍ତ ସମୟ ଭଲରେ କଟିଲା କି ନାହିଁ, ଆଲୋଚନା ଫଳପ୍ରଦ ଥିଲା କିଅବା ନକାରାତ୍ମକ ଥିଲା ଏବଂ ଅନ୍ୟ ସମସ୍ତ ଆନୁସଙ୍ଗିକ ବିଷୟ ଅନ୍ୟମାନଙ୍କ ଆଗରେ ପ୍ରକାଶ କଲେ । ଏହି ପ୍ରକାର କଥାବାର୍ତ୍ତାରେ ଆପଣ ଯାହା ଘଟିଥିଲା ତାହା ପ୍ରକାଶ କଲେ ଏବଂ ତାହା ଭେଟିଥିବା ବ୍ୟକ୍ତିଙ୍କର ମର୍ଯ୍ୟାଦା ହାନି କରିବା ପାଇଁ ଉଦ୍ଦିଷ୍ଟ ନ ଥିଲା ।

***୨. ନିଜର ଅନୁଭୂତି ପ୍ରକାଶ କରିବା, ଯେଉଁଥିରେ ଅନ୍ୟମାନେ କ'ଣ କହିଥିଲେ ବା କରିଥିଲେ ତାହା ଅନ୍ତର୍ଭୁକ୍ତ ଅଟେ***

ଆପଣ ଏହା କରିପାରନ୍ତି, କିନ୍ତୁ ସେଥିରେ ଯେଉଁମାନେ ଅନ୍ତର୍ଭୁକ୍ତ ଥିଲେ ସେମାନଙ୍କର କ୍ଷତି ପହଞ୍ଚାଇବା ଭଳି କଥାବାର୍ତ୍ତା କରିବା ଅନୁଚିତ ।

***୩. ଏକ ଅନୁଭୂତିର ପେଷାଦାର ମୂଲ୍ୟାୟନ କିଅବା କୌଣସି ବ୍ୟକ୍ତି ବା ପରିସ୍ଥିତିର ମୂଲ୍ୟାୟନ କରିବା***

କାର୍ଯ୍ୟସ୍ଥଳୀରେ ଏହା ନିୟମିତ ହୋଇଥାଏ । ଉଦାହରଣ, ଯେତେବେଳେ ଆପଣ ଜଣେ ପ୍ରାର୍ଥୀର ମୌଖିକ ପରୀକ୍ଷା ସମ୍ପର୍କରେ ରିପୋର୍ଟ ଦେଉଛନ୍ତି; କାର୍ଯ୍ୟ ସମ୍ପାଦନାରେ ମୂଲ୍ୟ ନିରୂପଣ କରୁଛନ୍ତି; କୌଣସି କଷ୍ଟକର ପରିସ୍ଥିତିର ସମାଧାନ କରୁଛନ୍ତି, ଇତ୍ୟାଦି । ଏପରି ପରିପ୍ରେକ୍ଷୀରେ ଆପଣ ଅକପଟ ଭାବରେ ସବଳତା ଓ ଦୁର୍ବଳତା, ଭଲ ଓ ମନ୍ଦ ଦିଗକୁ ନେଇ ଆଲୋଚନା କରିବେ, ଯେପରି ପ୍ରକୃତ ଛବି ଉପସ୍ଥାପନ କରିବେ ।

***୪. କୌଣସି ସମସ୍ୟାର ସମାଧାନ ପାଇଁ***

ଯଦି କୌଣସି ବିବାଦୀୟ ବା ସମସ୍ୟାଯୁକ୍ତ ପରିସ୍ଥିତିର ସମାଧାନ ନିମନ୍ତେ ଆମେ ତା' ସଙ୍ଗେ ସଂଯୁକ୍ତ  ଘଟଣାବଳୀକୁ ସମୀକ୍ଷା କରୁ ଓ ତଥ୍ୟସବୁକୁ ଜାଣିବାକୁ ଚେଷ୍ଟା କରୁ ଏବଂ ତାକୁ ଭିତ୍ତିକରି ଏକ ସିଦ୍ଧାନ୍ତରେ ପହଞ୍ଚୁ ବା ପରବର୍ତ୍ତୀ କାର୍ଯ୍ୟପନ୍ଥା ସଂପର୍କରେ ନିର୍ଣ୍ଣୟ ନେଉ । ଏପରି କ୍ଷେତ୍ରରେ ଧର୍ମଶାସ୍ତ୍ର ଆମକୁ ଏପରି ନିର୍ଦ୍ଦେଶ ଦିଏ ।

''ଯଦି ତୁମ୍ଭ ଭାଇ ପାପ ପରେ, ତେବେ ଯାଇ କେବଳ ତୁମ୍ଭ ଦୁଇ ଜଣଙ୍କ ମଧ୍ୟରେ ତାହାକୁ ତାହାର ଦୋଷ ଦେଖାଅ; ଯଦି ସେ ତୁମ୍ଭର କଥା ଶୁଣେ, ତେବେ ତୁମ୍ଭେ ଆପଣା ଭାଇକି ଲାଭ କଲ । କିନ୍ତୁ ଯଦି ସେ ନ ଶୁଣେ, ତାହା ହେଲେ ତୁମ୍ଭ ସାଙ୍ଗରେ ଆଉ ଜଣେ ବା ଦୁଇଜଣଙ୍କୁ ଘେନିଯାଅ, ଯେପରି ଦୁଇ ବା ତିନି ସାକ୍ଷୀଙ୍କ ମୁଖରେ ସମସ୍ତ କଥା ସ୍ଥିର କରାଯିବ । ଯଦି ସେ ସେମାନଙ୍କ କଥା ନ ମାନେ, ତେବେ ମଣ୍ଡଳୀକି କୁହ, ଆଉ ଯଦି ସେ ମଣ୍ଡଳୀ କଥା ମଧ୍ୟ ନ ମାନେ, ତେବେ ସେ ତୁମ୍ଭ ଦୃଷ୍ଟିରେ ବିଜାତୀୟ ଓ କରଗ୍ରାହୀ ପରି ହେଉ'' (ମାଥିଉ ୧୮: ୧୫-୧୭) ।

### ୫. ଯଦି କୌଣସି କ୍ଷେତ୍ରରେ ଭୁଲ ହୋଇଥିବା ବିଷୟକୁ ବା ନୈତିକ ବିଫଳତାକୁ ସଜାଡ଼ିବାକୁ ହୋଇଥାଏ

ଏପରି ପରିସ୍ଥିତିସବୁରେ, ଏଥିରେ ସଂପୃକ୍ତ ସମସ୍ତ ଲୋକଙ୍କୁ ଡାକି ଯାହାସବୁ ଭୁଲ ହୋଇଛି ସେ ବିଷୟରେ କଥାବାର୍ତ୍ତା କରିବାକୁ ହେବ ଏବଂ ସଂଶୋଧନ ଓ ପୁନଃସ୍ଥାପନ ଦିଗରେ କାର୍ଯ୍ୟ କରିବାକୁ ହେବ । ଆମେ ଏଠାରେ ଭୁଲକୁ ଘୋଡ଼ାଇବାକୁ ଚେଷ୍ଟା କରୁ ନାହୁଁ, କିନ୍ତୁ ବାଇବଲର ନିର୍ଦ୍ଦେଶ ଅନୁଯାୟୀ ସମାଧାନ କରୁଛୁ ।

''ହେ ଭାଇମାନେ, ଯଦି କେହି କୌଣସି ଅପରାଧରେ ଧରାପଡ଼େ, ଆତ୍ମିକ ଯେ ତୁମ୍ଭେମାନେ, ତୁମ୍ଭେମାନେ ମୃଦୁଭାବରେ ସେହିପ୍ରକାର ଲୋକକୁ ସଂଶୋଧନ କର, ପୁଣି କେଜାଣି ନିଜେ ମଧ୍ୟ ପରୀକ୍ଷାରେ ପଡ଼ି ପାର, ଏଥିପାଇଁ ଆପଣା ବିଷୟରେ ସାବଧାନ ହୁଅ'' (ଗାଲାତୀ ୬:୧) । ପାପ ଓ ଭୁଲ କାର୍ଯ୍ୟକୁ ସ୍ୱୀକାର କରିବାକୁ ହେବ ଓ ଏଥିପାଇଁ ଅନୁତପ୍ତ ହେବା ଆବଶ୍ୟକ । ''ଅତଏବ, ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର, ପୁଣି ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରି ପାରେ'' (ଯାକୁବ ୫:୧୬) ।

### ୬. ଭୁଲ ବିଷୟକୁ ପ୍ରକାଶ କରିବା ଯେପରି କି ଲୋକମାନେ ବିପଥରେ ନ ଯିବେ

ଅନେକ ସମୟରେ ଅନେକ ଚିନ୍ତାଜନକ ବିଷୟକୁ ସର୍ବସାଧାରଣରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉକ୍ତ ଭୁଲ କାର୍ଯ୍ୟକୁ ଓ ଭୁଲ କରିଥିବା ଲୋକମାନଙ୍କୁ ପଦାରେ ପକାଇବା ଜରୁରୀ ହୋଇଥାଏ । ଏହା କରିବା ଦ୍ୱାରା ଆମେ ଚେତାବନୀ ଦେଇଥାଉ ଓ ଅନ୍ୟମାନଙ୍କୁ ଏ ସମ୍ପର୍କିତ କ୍ଷତି ଓ ବିପଦରୁ ରକ୍ଷା କରିଥାଉ । ଭୁଲ କାର୍ଯ୍ୟ କରିଥିବା ଲୋକମାନଙ୍କ ପ୍ରତି ଆମ ହୃଦୟରେ ଦୟା ଓ କରୁଣା ନିଶ୍ଚିତ ଭାବରେ ରହିଥାଏ, ତେବେ ଅନ୍ୟମାନଙ୍କର ହିତ ଦୃଷ୍ଟିରୁ ସେମାନଙ୍କର ଭୁଲ କାର୍ଯ୍ୟକୁ ପ୍ରକାଶ କରିବା ଜରୁରୀ ହୋଇଥାଏ । ''ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହୁଅ ନାହିଁ, ବରଂ ସେସବୁର ଦୋଷହିଁ ଦେଖାଇଦିଅ'' (ଏଫିସୀ ୫:୧୧) । ''ଯେଉଁମାନେ ପାପ କରନ୍ତି, ସେମାନଙ୍କୁ ସମସ୍ତଙ୍କ ସାକ୍ଷାତରେ ଅନୁଯୋଗ କର, ଯେପରି ଅନ୍ୟମାନେ ମଧ୍ୟ ଭୟ ପାଆନ୍ତି''(୧ ତୀମଥି ୫:୨୦) ।

ଉପରୋକ୍ତ ସମସ୍ତ ପରିସ୍ଥିତିରେ ଆମେ ଏହି ଆଧାରବାକ୍ୟ ଅନୁଯାୟୀ କାର୍ଯ୍ୟ କରିବା- *''ପ୍ରେମର ସହ ସତ୍ୟକଥା କହିବା''* (ଏଫିସୀ ୪:୧୫) ।

## ଅନୁଚିନ୍ତା

୧. ଯଦି ମୁଁ ମୋର କଥାବାର୍ତ୍ତାର ବିଶ୍ଳେଷଣ କରେ, କେତେଥର ମୁଁ ଅନ୍ୟମାନଙ୍କ ବିଷୟରେ ବୃଥା ଗପସପ କରିଥାଏ ଓ ସେମାନଙ୍କର ନିନ୍ଦା କରିଥାଏ ?

☐ ବହୁତ ଥର ☐ ବାରମ୍ବାର ☐ ବେଳେବେଳେ ☐ କ୍ୱଚିତ୍

୨. ଅନ୍ୟମାନଙ୍କ ବିଷୟରେ ବୃଥା ଗପସପ ଚାଲିଥିବା ବେଳେ ସେମାନଙ୍କୁ ଏଥିରୁ ନିବୃତ୍ତ କରିବାକୁ ଚେଷ୍ଟା ନ କରି ଅଥବା ସେହିସ୍ଥାନରୁ ପଳାୟନ ନ କରି ମୋତେ କେତେଥର ସେମାନଙ୍କର ଆଲୋଚନା ଶୁଣିବାକୁ ଭଲ ଲାଗିଥାଏ ?

☐ ବହୁତ ଥର ☐ ବାରମ୍ବାର ☐ ବେଳେବେଳେ ☐ କ୍ୱଚିତ୍

# ୨

# କେଉଁ ସାଧାରଣ ପରିସ୍ଥିତିସବୁରେ ଗପସପ ହୁଏ

ଆମେମାନେ କେତେକ ସାଧାରଣ ପରିସ୍ଥିତି ଦେଖିବା ଯେଉଁଥିରେ ବୃଥା ଗପସପ ହୋଇଥାଏ ।

## (କ) ଗୋଷ୍ଠୀ ଗପସପ

ବିଭିନ୍ନ କାରଣରୁ ପରସ୍ପର ସହିତ ସଂଯୁକ୍ତ ଗୋଷ୍ଠୀ ବା ସମ୍ପ୍ରଦାୟରେ ଲୋକଙ୍କର କଥା ''ସମ୍ବାଦ'' ଆକାରରେ ଚାରିଆଡ଼େ ବ୍ୟାପିଯାଏ । ଆମମାନଙ୍କ ମଧ୍ୟରେ ଆବାସିକ ଗୋଷ୍ଠୀସମୂହ, ସାମାଜିକ ଗୋଷ୍ଠୀସମୂହ ଓ ଅନ୍ୟାନ୍ୟ ଗୋଷ୍ଠୀସବୁ ରହିଛନ୍ତି । ସ୍ଥାନୀୟ ମଣ୍ଡଳୀ ମଧ୍ୟ ଏକ ଗୋଷ୍ଠୀ, କାରଣ ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସକାରୀମାନେ ଏକ ସହଭାଗିତାରେ ରହି ପରସ୍ପର ସହିତ ସଂଯୁକ୍ତ ଅଟନ୍ତି ।

ଯେକୌଣସି ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ପରସ୍ପରର ତଥ୍ୟ ଆଦାନ ପ୍ରଦାନ ହୋଇଥାଏ । ଏହାର ଗୁରୁତ୍ୱ ଓ ଲାଭ ରହିଛି ।

ଉଦାହରଣ ସ୍ୱରୂପ, ସ୍ଥାନୀୟ ମଣ୍ଡଳୀ ସମ୍ପ୍ରଦାୟ ବିଷୟରେ ବାଇବଲ କହେ:

''ଯେଉଁମାନେ ଆନନ୍ଦ କରନ୍ତି, ସେମାନଙ୍କ ସହିତ ଆନନ୍ଦ କର; ଯେଉଁମାନେ ରୋଦନ କରନ୍ତି, ସେମାନଙ୍କ ସହିତ ରୋଦନ କର'' (ରୋମୀ ୧୨:୧୫) ।

''ଆଉ, ଗୋଟିଏ ଅଙ୍ଗ ଦୁଃଖଭୋଗ କଲେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତା'ର ସହିତ ଦୁଃଖଭୋଗ କରନ୍ତି, କିମ୍ବା ଗୋଟିଏ ଅଙ୍ଗ ଗୌରବପ୍ରାପ୍ତ ହେଲେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତା'ର ସହିତ ଆନନ୍ଦ କରନ୍ତି'' (୧ କରିନ୍ଥୀ ୧୨: ୨୬) ।

ଏହା ସମ୍ଭବ ହେବା ପାଇଁ ଆମେ ଅନ୍ୟମାନଙ୍କ ଜୀବନରେ କ'ଣସବୁ ଘଟୁଛି, ଭଲ ବା ମନ୍ଦ, ଜାଣିବା ଆବଶ୍ୟକ ହୋଇଥାଏ । ତେଣୁ ଆମେ ଏସବୁକୁ ନେଇ ଆନନ୍ଦ କରୁ, କ୍ରନ୍ଦନ କରୁ, ଦୁଃଖଭୋଗ କରୁ, ପରସ୍ପରର ସମ୍ମାନ କରୁ ଓ ମିଳିମିଶି ଆଗକୁ ବଢୁ । ଆମେ ଅନ୍ୟମାନଙ୍କ ଜୀବନରେ ଅଂଶୀ ହୋଇଥାଉ । ତେବେ ଏସବୁ ସମ୍ବାଦରେ ଅନ୍ୟମାନଙ୍କୁ ଅଂଶୀ କରାଇବା ବେଳେ ସମ୍ମାନଜନକ ଭାବେ ତାହା କରାଇବା ଆବଶ୍ୟକ; ସେଥିରେ ବୃଥା ଗପସପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ, ବା ଖଚମିଛକୁ ପ୍ରଶ୍ରୟ ଦେବା ଅନୁଚିତ ।

ନୂତନ ନିୟମର ବିଭିନ୍ନ ପତ୍ରରେ ସ୍ଥାନୀୟ ମଣ୍ଡଳୀ ବା ସ୍ଥାନୀୟ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ମଧ୍ୟରେ ହେଉଥିବା ବୃଥା ଗପସପ ଓ ଅନାବଶ୍ୟକ କଥାବାର୍ତ୍ତା ବିଷୟରେ ଚେତାଇ ଦିଆଯାଇଛି ।

କରିନ୍ଥୀୟ ମଣ୍ଡଳୀକୁ ଲିଖିତ ପତ୍ରରେ ପାଉଲ ଯୌନ ଅନୈତିକତା ସମ୍ବନ୍ଧରେ ଲେଖନ୍ତି ଓ ମଣ୍ଡଳୀକୁ ଅନୁତପ୍ତ ହେବାପାଇଁ ଆହ୍ୱାନ କରନ୍ତି । ସେ ମଧ୍ୟ ଆଶଙ୍କା ପ୍ରକାଶ କରନ୍ତି ଯେ ସେ ସେମାନଙ୍କୁ ପୁନର୍ବାର ପରିଦର୍ଶନ କଲେ ହୁଏତ ସେମାନଙ୍କୁ ''ପରନିନ୍ଦା, କାନକୁହାକୋହି''ରେ ଲିପ୍ତ ଥିବା ଦେଖିବେ ।

''କାରଣ କାଳେ ଅବା ମୁଁ ଉପସ୍ଥିତ ହେଲେ, ତୁମ୍ଭମାନଙ୍କୁ ଯେପରି ଦେଖିବାକୁ ଇଚ୍ଛା କରୁଅଛି, ସେପରି ତୁମ୍ଭମାନଙ୍କୁ ନ ଦେଖେ, ଆଉ, ତୁମ୍ଭେମାନେ ମୋତେ ଯେପରି ଦେଖିବାକୁ ଇଚ୍ଛା ନ କର, ସେପରି ମୋତେ ଦେଖ, ଏଥିପାଇଁ ମୁଁ ଭୟ କରୁଅଛି; କାଳେ ଅବା ବିବାଦ, ଈର୍ଷା, କ୍ରୋଧ, ଦଳାଦଳି, ପରନିନ୍ଦା, କାନକୁହାକୋହି, ଦାମ୍ଭିକତା, ଗଣ୍ଡଗୋଳ ହୁଏ'' (୨ କରିନ୍ଥୀ ୧୨:୨୦) ।

ଏଫିସୀ ମଣ୍ଡଳୀର ପାଳକୀୟ ଦାୟିତ୍ୱରେ ରହିଥିବା ତୀମଥିଙ୍କୁ ଲେଖିଥିବା ପତ୍ରରେ ପାଉଲ ଯୁବତୀ ବିଧବାମାନଙ୍କ ବିଷୟରେ ଯାହା ଲେଖିଛନ୍ତି ତାହା ସମସ୍ତଙ୍କ ନିମନ୍ତେ ପ୍ରଯୁଜ୍ୟ । ସେମାନେ ଆଳସ୍ୟପ୍ରିୟ ହୋଇ ଅସାର ଗଳ୍ପ ଓ ପରଚର୍ଚ୍ଚା କରି ଅନୁଚିତ କଥାବାର୍ତ୍ତା କରନ୍ତି ।

''ଆହୁରି ମଧ୍ୟ ସେମାନେ ଘର ଘର ବୁଲି ଆଳସ୍ୟପ୍ରିୟ ହେବାକୁ ଶିଖନ୍ତି, ଆଉ କେବଳ ଆଳସ୍ୟପ୍ରିୟ ନୁହେଁ, ମାତ୍ର ଅସାର ଗଳ୍ପ ଓ ପରଚର୍ଚ୍ଚା କରି ଅନୁଚିତ କଥାବାର୍ତ୍ତା କରନ୍ତି'' (୧ ତୀମଥି ୫:୧୩) ।

ସେହିପରି ଥେସଲନୀକୀୟ ମଣ୍ଡଳୀକୁ ଲିଖିତ ପତ୍ରରେ ସୁଦ୍ଧା ପରଚର୍ଚ୍ଚା ଓ ଅସାର ଗଳ୍ପକୁ ପାଉଲ ଭର୍ତ୍ସନା କରନ୍ତି । ଅନ୍ୟମାନଙ୍କ ସମ୍ବନ୍ଧରେ ସେମାନେ ବୃଥା ଗପସପ ବା ଅନାବଶ୍ୟକ କଥାବାର୍ତ୍ତା କରିଥାନ୍ତି । ଏପରି ଲୋକମାନେ କାର୍ଯ୍ୟ କରି ରୋଜଗାର କରିବାରେ ମନୋନିବେଶ କରିବାକୁ ପାଉଲ ପରାମର୍ଶ ଦିଅନ୍ତି ।

''ଯେଣୁ ତୁମ୍ଭମାନଙ୍କ ମଧ୍ୟରେ କେହି କେହି ଅବିହିତ ଆଚରଣ କରୁଅଛନ୍ତି ଓ କୌଣସି କାର୍ଯ୍ୟ ନ କରି ଅନଧିକାରଚର୍ଚ୍ଚାରେ ବ୍ୟସ୍ତ ଅଟନ୍ତି ବୋଲି ଆମ୍ଭେମାନେ ଶୁଣୁଅଛୁ । ଏହିପ୍ରକାର ଲୋକମାନଙ୍କୁ ଶାନ୍ତ ଭାବରେ କାର୍ଯ୍ୟ କରି ନିଜ ନିଜର ଅନ୍ନ ଭୋଜନ କରିବାକୁ ଆମ୍ଭେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆଜ୍ଞା ଓ ଚେତନା ଦେଉଅଛୁ'' (୨ ଥେସ ୩:୧୧. ୧୨) ।

ସ୍ଥାନୀୟ ମଣ୍ଡଳୀ ସମ୍ପ୍ରଦାୟରେ, ଆତ୍ମିକ ମାର୍ଗରେ ହୁଏତ ଗପସପ ହୋଇଥାଏ । ମଣ୍ଡଳୀର ସଭ୍ୟମାନେ ଓ ମଣ୍ଡଳୀର ନେତାମାନେ (ପାଳକ ଓ ଅନ୍ୟମାନେ) ଗପସପରେ ଭାଗ ନିଅନ୍ତି ଓ ଗୁଜବ ପ୍ରସାରିତ କରନ୍ତି । ଏଠାରେ କେତୋଟି ଉଦାହରଣ ଦିଆଯାଇଛି, କିପରି ସ୍ଥାନୀୟ ମଣ୍ଡଳୀ ସମ୍ପ୍ରଦାୟରେ ଗପସପ ପ୍ରସାରିତ ହୋଇଥାଏ ।

୧. ପ୍ରାର୍ଥନା ଅନୁରୋଧ- ସାଧାରଣତଃ କୁହାଯାଇଥାଏ: ''ଆମେ ଅମୁକ ଭାଇ/ ଭଉଣୀଙ୍କ ନିମନ୍ତେ ପ୍ରାର୍ଥନା କରିବା ନିହାତି ଆବଶ୍ୟକ'' । ତା'ପରେ ଉକ୍ତ ବ୍ୟକ୍ତିଙ୍କ ବିଷୟରେ ଅପ୍ରୀତିକର ଓ ବାଜେ ଗପ ଆରମ୍ଭ ହୋଇଯାଏ । ଶେଷରେ କୁହାଯାଏ ''ଆମେ ତାଙ୍କ ନିମନ୍ତେ ପ୍ରାର୍ଥନା କରିବା'' । ପ୍ରାର୍ଥନା ଅନୁରୋଧ ଆଳରେ ଆମେ ବୃଥା ଗପସପର ଆଶ୍ରୟ ନେଇଥାଉ । ଏହା ବନ୍ଦ ହେବା ଉଚିତ । ଏପରି ଆଚରଣଠାରୁ ଆମେ ଦୂରେଇ ରହିବା ।

୨. ପାଳକୀୟ ପରାମର୍ଶ ଦାନ- ଲୋକମାନେ ପାଳକ ଓ ଆତ୍ମିକ ନେତାମାନଙ୍କ ନିକଟକୁ ଆସିଥାନ୍ତି ଆତ୍ମିକ ସାହାଯ୍ୟ ପାଇବା ପାଇଁ । ସେତେବେଳେ ସେମାନେ ସେମାନଙ୍କର ବ୍ୟକ୍ତିଗତ ସଂଘର୍ଷ, ବିଫଳତା ଓ ଅନ୍ୟାନ୍ୟ ବିଷୟସବୁକୁ ପ୍ରକାଶ କରିଥାନ୍ତି, ଯାହା ଅନ୍ୟମାନଙ୍କ ଆଗରେ ସେମାନେ ପ୍ରକାଶ କରି ପାରି ନ ଥାନ୍ତି । ଭରସା ଓ ନିର୍ଭରତାର ସହିତ ସେମାନେ ଏପରି କରିଥାନ୍ତି । ତେବେ ଅନେକ ପାଳକ ଓ ଆତ୍ମିକ ନେତାମାନେ ସେମାନଙ୍କ ଉପରେ ରହିଥିବା ନିର୍ଭରତାକୁ ଗୋପନୀୟ ନ ରଖି ଅନ୍ୟମାନଙ୍କ ସଙ୍ଗେ ସାମୟିକ କଥାବାର୍ତ୍ତା ହେବା ସମୟରେ ଉକ୍ତ ବ୍ୟକ୍ତିର ଗୋପନୀୟ ତଥ୍ୟକୁ ପ୍ରକାଶ କରିଦେଇଥାନ୍ତି । ଏହା ମଧ୍ୟ ବୃଥା ଗପସପ, ଯଦିବା ପ୍ରଘଟ କରିଥିବା

ବ୍ୟକ୍ତି ଜଣେ ଆତ୍ମିକ ନେତା ଅଟନ୍ତି ! ଏହା ବାଞ୍ଛନୀୟ ନୁହେଁ ଓ ବନ୍ଦ ହେବା ଉଚିତ । ଯଦି କେହି ଆମକୁ ଗୋପନରେ ପ୍ରକାଶ କରିଛି ତାକୁ ଗୋପନୀୟ ରଖିବା ଆବଶ୍ୟକ ।

୩. ଅନ୍ୟର ପ୍ରତିଷ୍ଠାକୁ ନେଇ ଚାଲିବା- ବେଳେବେଳେ ଲୋକମାନେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମକୁ ନେଇ ଅଗ୍ରସର ହେବାକୁ ଚାହିଁଥାନ୍ତି (ଯେପରି ଜଣେ ବରିଷ୍ଠ ପାଳକ ବା ନେତାଙ୍କର) । ସେମାନେ ଦେଖାଇ ହୋଇଥାନ୍ତି ଯେ ସେମାନଙ୍କ ସଙ୍ଗେ ତାଙ୍କର ସୁସମ୍ପର୍କ ରହିଛି । ତା' ସାଙ୍ଗକୁ ସେମାନେ ଉକ୍ତ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଓ ଗୋପନୀୟ ତଥ୍ୟସବୁକୁ ମଧ୍ୟ ପ୍ରକାଶ କରିଦିଅନ୍ତି । ଅବଶ୍ୟ ଅନ୍ୟମାନେ ମନେ କରନ୍ତି ଯେ ଉକ୍ତ ପାଳକ ଓ ନେତାଙ୍କ ବିଷୟରେ ସେମାନେ ଏତେ ଦୂର ଜାଣିଥିବାରୁ ନିଶ୍ଚିତରୂପେ ତାଙ୍କ ସଙ୍ଗେ ସେମାନଙ୍କର ନିବିଡ଼ ସମ୍ପର୍କ ରହିଛି । ଏହା ବୃଥା ଗପସପ ବିନା ଆଉ କିଛି ନୁହେଁ । ଆପଣ ଯଦି ଆପଣଙ୍କ ବରିଷ୍ଠ ପାଳକ ବା ନେତାଙ୍କର ପ୍ରକୃତ ବନ୍ଧୁ ଓ ତାଙ୍କ ସଙ୍ଗେ ଆପଣଙ୍କର ଘନିଷ୍ଠତା ରହିଛି, ତାଙ୍କର ପ୍ରତିଷ୍ଠାକୁ ନେଇ ଫାଇଦା ଉଠାଇବାକୁ କେବେ ଚାହିଁବେ ନାହିଁ । ଆପଣ ସେମାନଙ୍କର ସମ୍ମାନ ନିଜେ ପାଇବାକୁ ଇଚ୍ଛା କରିବେ ନାହିଁ । ସର୍ବସାଧାରଣରେ କୌଣସି ଗୋପନୀୟ କଥା ପ୍ରକାଶ କରିବା ବେଳେ ଆପଣ ଖୁବ୍ ସତର୍କ ହେବା ଆବଶ୍ୟକ ।

୪. ସମସ୍ୟାର ସମାଧାନ ନ କରି ଦୋଷଦର୍ଶୀ ହେବା- ଲୋକେ ଭୁଲ କରିଥାନ୍ତି । ତଥାପି, ଏକ ସମ୍ପ୍ରଦାୟରେ, ବିବାଦ ଉପୁଜିଥାଏ ଯେତେବେଳେ ଜଣେ ବ୍ୟକ୍ତି ଯଦି କିଛି ଭୁଲ କରିଦିଏ ବା କୌଣସି ବିଷୟକୁ ଠିକ୍ ଭାବରେ କାରବାର କରିପାରି ନ ଥାଏ । ଏହା ଫଳରେ ଅପମାନିତ ହୋଇଥିବା ବ୍ୟକ୍ତି ଚାରିଆଡ଼େ କହିବୁଲେ ଯେ ଅମୁକ ବ୍ୟକ୍ତି ଲୋକମାନଙ୍କ ପ୍ରତି ଅନୁଚିତ କର୍ମ କରିଛି । ଏହା ପ୍ରକୃତରେ ଭୁଲ କରିଥିବା ବ୍ୟକ୍ତିକି ବଦନାମ କରିବା ପାଇଁ ଏକ ପ୍ରଚାର ଅଭିଯାନ ଅଟେ । ଏହା ବୃଥା ଗପସପରେ ପରିଣତ ହୁଏ, ଯେତେବେଳେ ଅନେକେ ଏହି ତଥ୍ୟ ଅନ୍ୟମାନଙ୍କ ଆଗରେ ପ୍ରକାଶ କରନ୍ତି । ଏହାଦ୍ୱାରା ସମ୍ପ୍ରଦାୟରେ ବିଭାଜନ ଓ କଳହ ସୃଷ୍ଟି ହୁଏ ଏବଂ ସମସ୍ୟାର ସମାଧାନ ହୋଇ ପାରି ନ ଥାଏ । ଧର୍ମଶାସ୍ତ୍ର ଆମକୁ ଶିକ୍ଷାଦିଏ ଏପରି ପରିସ୍ଥିତିରେ ଆମେ କ'ଣ କରିବା ଉଚିତ ।

''ଯଦି ତୁମ୍ଭ ଭାଇ ପାପ କରେ, ତେବେ ଯାଇ କେବଳ ତୁମ୍ଭ ଦୁଇ ଜଣଙ୍କ ମଧ୍ୟରେ ତାହାକୁ ତାହାର ଦୋଷ ଦେଖାଅ; ଯଦି ସେ ତୁମ୍ଭର କଥା ଶୁଣେ, ତେବେ ତୁମ୍ଭେ ଆପଣା ଭାଇକି ଲାଭ କଲ । କିନ୍ତୁ ଯଦି ସେ ନ ଶୁଣେ, ତାହାହେଲେ ତୁମ୍ଭ ସାଙ୍ଗରେ ଆଉ ଜଣେ

ବା ଦୁଇ ଜଣଙ୍କୁ ଘେନିଯାଅ, ଯେପରି ଦୁଇ ବା ତିନି ସାକ୍ଷୀଙ୍କ ମୁଖରେ ସମସ୍ତ କଥା ସ୍ଥିର କରାଯିବ । ଯଦି ସେ ସେମାନଙ୍କ କଥା ନ ମାନେ, ତେବେ ମଣ୍ଡଳୀକି କୁହ, ଆଉ ଯଦି ସେ ମଣ୍ଡଳୀ କଥା ମଧ୍ୟ ନ ମାନେ, ତେବେ ସେ ତୁମ୍ଭ ଦୃଷ୍ଟିରେ ବିଜାତୀୟ ଓ କରଗ୍ରାହୀ ପରି ହେଉ'' (ମାଥିଉ ୧୮: ୧୫-୧୭) ।

ସମସ୍ୟାର ସମାଧାନ ନ କରି ସର୍ବସାଧାରଣରେ ଜଣକର ଦୋଷ ଦେଖାଇବା ଅପେକ୍ଷା ଧର୍ମଶାସ୍ତ୍ରର ଶିକ୍ଷା ଅନୁସାରେ କ୍ଷମା, ସଂଶୋଧନ ଓ ସୁସ୍ଥତା ଆଣିବା ଦିଗରେ ଆମେ କାର୍ଯ୍ୟ କରିବା ଉଚିତ ।

ସ୍ଥାନୀୟ ମଣ୍ଡଳୀ ସମ୍ପ୍ରଦାୟର ପରିପ୍ରେକ୍ଷୀରେ ଯାହାସବୁ କୁହାଯାଇଛି ତା'କୁ ଅନ୍ୟ ସମ୍ପ୍ରଦାୟରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ ।

ଯେଉଁ ଗୋଷ୍ଠୀ ବା ସମ୍ପ୍ରଦାୟ ବୃଥା ଗପସପରେ ମାତିରହେ ତାହା ଆତ୍ମବିନାଶ ଆଡ଼କୁ ଗତି କରିବ ।

''କିନ୍ତୁ ତୁମ୍ଭେମାନେ ଯଦି କାମୁଡ଼ାକାମୁଡ଼ି ହୋଇ ପରସ୍ପରକୁ ଗ୍ରାସ କର, ତେବେ ସାବଧାନ, ଯେପରି ପରସ୍ପର ଦ୍ୱାରା ବିନଷ୍ଟ ନ ହୁଅ'' (ଗାଲାତୀ ୫: ୧୫) ।

## (ଖ) କର୍ମସ୍ଥଳରେ ଗପସପ

ଆମ ମଧ୍ୟରୁ ଅନେକେ ଆମ ଜୀବନର ମୁଖ୍ୟ ଭାଗ କର୍ମସ୍ଥଳରେ ବିତାଇଥାଉ । ସପ୍ତାହର ୫ ବା ୬ ଦିନ ଆମେ କର୍ମସ୍ଥଳରେ ଥାଉ ଓ ଆମ ସମୟର ପ୍ରାୟ ଏକ ଚତୁର୍ଥାଂଶ ସେଠାରେ ହିଁ କଟିଥାଏ । ଦୁର୍ଭାଗ୍ୟବଶତଃ, କାର୍ଯ୍ୟ ସମୟରେ ଅନେକେ ବୃଥା ଗପସପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ, ବା ଖତୁଆମିରେ ଲିପ୍ତ ରହିଥାନ୍ତି । ନିଜର କର୍ତ୍ତୃପକ୍ଷ, ନିଜର ସହକର୍ମୀ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ସେମାନେ ଚର୍ଚ୍ଚା କରିଥାନ୍ତି । ସେମାନେ ନିଜର ସହକର୍ମୀମାନଙ୍କ ମଧ୍ୟରେ ଏପରି ପରଚର୍ଚ୍ଚା କରିଥାନ୍ତି, ଯଦି ଅନ୍ୟ କେହି କିଛି କରିଛି । ଏହାଦ୍ୱାରା ସେହି ବ୍ୟକ୍ତିର ସୁନାମରେ ଆଞ୍ଚ ଆସିଥାଏ ।

କର୍ମସ୍ଥଳରେ ଗପସପ ଯୋଗୁଁ କାର୍ଯ୍ୟ ପରିବେଶ ଅସ୍ୱାସ୍ଥ୍ୟକର ହୋଇଯାଏ । ଏହା ମଧ୍ୟ ଲୋକଙ୍କର ଆବେଗକୁ ପ୍ରଭାବିତ କରେ ଏବଂ ବ୍ୟକ୍ତିଗତ ଓ ଦଳଗତ କାର୍ଯ୍ୟ ସମ୍ପାଦନରେ କ୍ଷତି ପହଞ୍ଚାଏ । ଶେଷରେ କାର୍ଯ୍ୟ ପରିବେଶ ଏତେ ଅରୁଚିକର ହୋଇଯାଏ ଯେ, ଲୋକେ ଏପରିକି ଉତ୍ତମ ଲୋକମାନେ ମଧ୍ୟ ସେହି କାର୍ଯ୍ୟ ଛାଡ଼ି ଅନ୍ୟତ୍ର କାର୍ଯ୍ୟ ଲୋଡ଼ନ୍ତି । ଦରମା ଯୋଗୁଁ ନୁହେଁ, ମାତ୍ର କାର୍ଯ୍ୟ ପରିବେଶ କ୍ଲେଶକର ହୋଇଥିବାରୁ

ସେମାନେ ଆଉ ସେଠାରେ ଚାକିରି କରିବାକୁ ଚାହିଁ ନ ଥାନ୍ତି । ଏଥିପାଇଁ ଅଳ୍ପ କେତେଜଣ ଦାୟୀ ରହିଥାନ୍ତି, ସେମାନେ ବାଜେ ଗପସପ କରି ଉଡ଼ା ଖବର ପ୍ରସାରିତ କରିଥାନ୍ତି । ଉତ୍ତମ ଲୋକମାନେ ସେମାନଙ୍କ କାର୍ଯ୍ୟକୁ ଗୁରୁତ୍ୱ ଦେଇଥାନ୍ତି ଏବଂ ସେମାନେ ବୃଥା ଗପସପ ଓ ଉଡ଼ା ଖବରସବୁ ବିରୁଦ୍ଧରେ ଲଢ଼ିବାରେ ସମୟ ଓ ଶକ୍ତି ବିନିଯୋଗ କରିବାକୁ ଚାହିଁ ନ ଥାନ୍ତି । ସେମାନେ ଉତ୍ତମ ବିଷୟସବୁ କରିବାକୁ ଚାହିଁଥାନ୍ତି ।

## (ଗ) ସାମାଜିକ ଗଣମାଧ୍ୟମରେ ଗପସପ

ସାମାଜିକ ଗଣମାଧ୍ୟମ ସବୁ ମଧ୍ୟ ବୃଥା ଗପସପକୁ ପରିବ୍ୟାପ୍ତ କରିଥାନ୍ତି । ବଟନ୍ ଦବାଇବା ମାତ୍ରେ, କିଛି ମିନିଟ୍ ମଧ୍ୟରେ କ୍ଷତିଜନକ ଗପସପ ଓ ଗୁଜବ ଅନ୍‌ଲାଇନ୍‌ରେ ପରିବ୍ୟାପ୍ତ ହୋଇଯାଏ । ଅନ୍‌ଲାଇନ୍‌ରେ ପଠାଯାଇଥିବା କୌଣସି ଲେଖା ମଧ୍ୟ ଜଣେ ବ୍ୟକ୍ତିର ସୁନାମକୁ ନଷ୍ଟ କରିଦେଇପାରେ ।

## ଅନୁଚିନ୍ତା

ଆପଣ କ'ଣ ଗୋଷ୍ଠୀ, କର୍ମସ୍ଥଳ ବା ସାମାଜିକ ଗଣମାଧ୍ୟମରେ ହେଉଥିବା ଗପସପର ଶିକାର ହୋଇଛନ୍ତି କି ? ତେବେ କିପରି ? ସେସବୁକୁ ଆପଣ କିପରି ସାମ୍ନା କରିଥିଲେ ? ସେସବୁକୁ ଅନ୍ୟପ୍ରକାରେ ମୁକାବିଲା କରି ପାରିଥାନ୍ତେ କି ?

# ୩

# ଗପସପର ନକାରାତ୍ମକ ପ୍ରଭାବସବୁ

ହିଂସାତ୍ମକ କାର୍ଯ୍ୟକଳାପ ପରି ବୃଥା ଗପସପ ଏକ ଗର୍ହିତ ଅପରାଧ ମନେ ନ ହେଲେ ସୁଦ୍ଧା, ଏହା କିପରି ଆମ ଉପରେ ଓ ଅନ୍ୟମାନଙ୍କ ଉପରେ ସାଂଘାତିକ ନକାରାତ୍ମକ ପ୍ରଭାବ ପକାଇଥାଏ ତାହା ଆମମାନଙ୍କ ମଧ୍ୟରୁ ଅନେକେ ବୁଝି ପାରି ନ ଥାଉ । ଯଦିବା ଏହାର କିଛି ନକାରାତ୍ମକ ପ୍ରଭାବ ବିଷୟରେ ଆମେ ଆଲୋଚନା କରି ସାରିଛୁ, ଆହୁରି କେତୋଟି କୁପ୍ରଭାବ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରିବା ।

## ୧. ବୃଥା ଗପସପ ନିଷ୍ଫଳ ଓ ସମୟର ଅପଚୟ

ବେଳେବେଳେ ଲୋକେ ଘଣ୍ଟା ଘଣ୍ଟା ଧରି ଗପସପରେ ମାତି ରହିଥାନ୍ତି । ତେଣୁ କରି ଏହାକୁ ''ଅନାବଶ୍ୟକ କଥାବାର୍ତ୍ତା'' କୁହାଯାଏ । ଏହା ସମ୍ପୂର୍ଣ୍ଣରୂପେ ଅନୁତ୍ପାଦକ । ଏଥିରେ ତ ସମୟ ନଷ୍ଟ ହୋଇଥାଏ, ଏଥିରେ ଅଂଶଗ୍ରହଣକାରୀମାନେ ମଧ୍ୟ ଆବେଗପରାୟଣ ହୋଇ ବହୁତ ଶକ୍ତି ଅପଚୟ କରନ୍ତି ଓ ଶେଷରେ ମାନସିକରୂପେ କ୍ଳାନ୍ତ ହୋଇ ପଡ଼ନ୍ତି ।

କେତେଜଣ ଆରୋଗ୍ୟଲାଭ କରିବା ଉଦ୍ଦେଶ୍ୟରେ ମଧ୍ୟ ଗପସପରେ ଭାଗ ନେଇଥାନ୍ତି ଏବଂ କଷ୍ଟକର ସମୟ ଦେଇଯିବା ସମୟରେ ସେମାନେ ପ୍ରାୟ ନିଜର ଆବେଗସବୁକୁ ପ୍ରକାଶ କରିଦେଇଥାନ୍ତି । ଆମେ ନିଶ୍ଚେ ରାଜି ହେବା ଯେ ଜଣେ ତା'ର ଆହ୍ୱାନଗୁଡ଼ିକୁ ପ୍ରକାଶ କରିବାରେ କିଛି ଭୁଲ ନାହିଁ, ତେବେ ତାହା ସଠିକ୍ ଲୋକଙ୍କ ଆଗରେ ପ୍ରକାଶ କରିବା ଉଚିତ ଏବଂ ଅନ୍ୟ କାହାରିକୁ କ୍ଷତି ନ ପହଞ୍ଚାଇ ଓ ଏକ ସମସ୍ୟାର ସମାଧାନ କରିବାର ପ୍ରୟାସ କରି ଉପଯୁକ୍ତମତେ କରିବା ଠିକ୍ ହେବ ।

## ୨. ବୃଥା ଗପସପ ଦ୍ୱାରା ବ୍ୟକ୍ତିର ନିର୍ଭରଯୋଗ୍ୟତା ହ୍ରାସ ପାଏ କାରଣ ସେହି ବ୍ୟକ୍ତିର ସୁନାମରେ ଆଞ୍ଚ ଆସେ ଓ ତା'ର ଚରିତ୍ର ସଂହାର ହୋଇଥାଏ

ଯେଉଁ ବ୍ୟକ୍ତି ବିଷୟରେ ଚର୍ଚ୍ଚା ହୁଏ ସେ ନିଜ ସମ୍ପର୍କରେ କହିବାକୁ ସୁଯୋଗ ପାଇ ନ ଥାଏ । ସେହି ସମୟରେ ତାର ଚରିତ୍ର ସଂହାର ଚାଲିଥାଏ ଏବଂ ତା'ର ସୁନାମ ମଧ୍ୟ ନଷ୍ଟ ହୋଇଯାଇଥାଏ । ଲୋକେ ଗୋଟିଏ ମୁହୂର୍ତ୍ତରେ, ମିଥ୍ୟା ତଥ୍ୟ ଶୁଣି ଚର୍ଚ୍ଚିତ ବ୍ୟକ୍ତିର ଚରିତ୍ର ଉପରେ ଏକ ଉପସଂହାରରେ ପହଞ୍ଚି ସାରିଥାନ୍ତି ଏବଂ ବ୍ୟକ୍ତିକୁ ଭୁଲ ଭାବରେ ଆକଳନ କରିଥାନ୍ତି ଓ ତା' ଉପରେ ଆଉ ଭରସା ରଖନ୍ତି ନାହିଁ । ବୃଥା ଗପସପ ଦ୍ୱାରା ଭୁଲ ତଥ୍ୟ ପାଇଥିବାରୁ ସେମାନେ ସେହି ବ୍ୟକ୍ତି ସମ୍ପର୍କରେ ଏକ ଭୁଲ ଆକଳନ କରିଥାନ୍ତି ।

''ଯେ ଖଟୁଆ ହୋଇ ବୁଲେ, ସେ ଗୁପ୍ତ କଥା ପ୍ରକାଶ କରେ, ମାତ୍ର ଯାହାର ବିଶ୍ୱସ୍ତ ମନ, ସେ କଥା ଢାଙ୍କେ'' (ହିତୋ ୧୧ : ୧୩) ।

ଆପଣ ଯଦି ଜଣେ ବିଶ୍ୱସ୍ତ ବନ୍ଧୁ, ଆପଣ ବନ୍ଧୁ ସପକ୍ଷରେ ଠିଆ ହେବାକୁ ଚାହିଁବେ ଏବଂ ତାଙ୍କର ବିଫଳତାସବୁକୁ ପ୍ରକାଶ କରି ତାଙ୍କର ମର୍ଯ୍ୟାଦା ହାନି କରିବା ବା ତାଙ୍କୁ ବିନାଶ କରିବାକୁ ଚାହିଁବେ ନାହିଁ ।

ଅନେକ ସମୟରେ କାହାକୁ ପ୍ରଥମଥର ପାଇଁ ଭେଟିବା ପରେ ଆପଣ ଆଘାତ ପାଇଥାନ୍ତି । କାରଣ ସେ ଆପଣଙ୍କ ବିଷୟରେ ଆଗରୁ ଶୁଣିଛନ୍ତି ଓ ଯାହା ଶୁଣିଛନ୍ତି ସେସବୁ ନକାରାତ୍ମକ । ବୃଥା ଗପସପ  ଗୁଜବ ଆକାରରେ ବହୁଦୂରକୁ ପହଞ୍ଚି ସାରିଥାଏ ଏବଂ ଆପଣଙ୍କ ଅନୁପସ୍ଥିତିରେ ସୁଦ୍ଧା ଆପଣଙ୍କ ସୁଖ୍ୟାତିରେ ଆଞ୍ଚ ଆଣିଥାଏ ଓ ଆପଣଙ୍କୁ ବଦ୍‌ନାମ କରି ସାରିଥାଏ । ତେଣୁ ଆପଣ ସେହି ନୂତନ ବ୍ୟକ୍ତିଙ୍କୁ ଆପଣଙ୍କ ସମ୍ପର୍କରେ ଜଣାଇବା, ଆପଣ ପ୍ରକୃତରେ କିଏ ତାହା ସେ ଜାଣିବା କଷ୍ଟସାଧ୍ୟ ବିଷୟ ହୋଇଥାଏ । ବେଳେବେଳେ ଏହିପରି ପରିସ୍ଥିତିରେ କାର୍ଯ୍ୟ କରିବା ମଧ୍ୟ ନିରୁତ୍ସାହଜନକ ମନେହୁଏ ।

## ୩. ବୃଥା ଗପସପ ଲୋକଙ୍କର ଭାବପ୍ରବଣତାକୁ ପ୍ରଭାବିତ କରିଥାଏ

ଭୁଲ ତଥ୍ୟ, ବୃଥା ଗପସପ ଦ୍ୱାରା ବନାଗ୍ନି ସଦୃଶ ବ୍ୟାପି ଯାଇଥାଏ । ଏହା ଲୋକଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରେ ମଧ୍ୟ ସେମାନଙ୍କୁ ନିରୁତ୍ସାହିତ କରେ ।

''ପ୍ରତିବାସୀ ବିରୁଦ୍ଧରେ ଯେ ମିଥ୍ୟାସାକ୍ଷ୍ୟ ଦିଏ, ସେ ଗଦା ଓ ଖଡ୍‌ଗ ଓ ତୀକ୍ଷ୍ଣ ତୀର ସ୍ୱରୂପ'' (ହିତୋ ୨୫ : ୧୮)

ଉଦାହରଣ, କର୍ମସ୍ଥଳରେ ଯଦି କୌଣସି ଅସ୍ପଷ୍ଟ ତଥ୍ୟ, ସବିଶେଷ ବିବରଣୀ ନ ଥାଇ, ଗୁଜବ ଆକାରରେ ବ୍ୟାପିଯାଏ ତେବେ କର୍ମଚାରୀମାନେ ତଦ୍ୱାରା ନିରୁତ୍ସାହିତ ହୋଇଥାନ୍ତି । ଏହାଦ୍ୱାରା ଏକ ଅସ୍ୱାସ୍ଥ୍ୟକର କାର୍ଯ୍ୟ ପରିବେଶ ସୃଷ୍ଟି ହୋଇଥାଏ ଏବଂ ଉତ୍ତମ କର୍ମଚାରୀମାନେ ସେଠାରେ ଚାକିରି ନ କରି ଅନ୍ୟତ୍ର ଚାଲିଯିବାକୁ ଚାହିଁବେ ।

ସେହିପରି, କୌଣସି ମଣ୍ଡଳୀ ସମ୍ପ୍ରଦାୟରେ, ଯଦି ବିଶ୍ୱାସୀମାନେ ବୃଥା ଗପସପ, ଚୁଗୁଲି, ନିନ୍ଦା, ଖଚୁଆମିରେ ଲିପ୍ତ ରହିବେ, ତେବେ ଲୋକମାନେ ସେହି ମଣ୍ଡଳୀରେ ରହିବାକୁ ପସନ୍ଦ କରିବେନି । ସେମାନେ ଉପାସନାକୁ ଆଉ ଆସି ନ ପାରନ୍ତି ବା ମଣ୍ଡଳୀ ପରିତ୍ୟାଗ କରିବେ ।

ଗପସପ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ବା ଅନ୍‌ଲାଇନ୍‌ରେ କାହାକୁ ଲଜ୍ଜିତ କଲେ ତା'ର ବ୍ୟକ୍ତିଗତ ସୁଖ୍ୟାତିରେ ତତ୍‌କ୍ଷଣାତ୍ ଆଘାତ ପହଞ୍ଚେ । ଲୋକମାନେ ତଦ୍ୱାରା ବଦ୍‌ନାମ ହୁଅନ୍ତି ଓ ମର୍ଯ୍ୟାଦା ହରାନ୍ତି ଏବଂ ଅତ୍ୟନ୍ତ ଆବେଗପୂର୍ଣ୍ଣ ମାନସିକ ଆଘାତ ମଧ୍ୟଦେଇ ଗତି କରିଥାନ୍ତି । ନିର୍ଦ୍ଦୟ ଗପସପ ଓ ନିନ୍ଦା କରିବା ହେତୁ ଏହା ଘଟିଥାଏ ।

କିଶୋର କିଶୋରୀଙ୍କ ଉପରେ ସୁଦ୍ଧା ଗପସପର ଆବେଗପୂର୍ଣ୍ଣ ପ୍ରଭାବକୁ ଆମେ ବିଚାର କରିପାରୁ । ବର୍ତ୍ତମାନ ସମୟରେ କିଶୋର କିଶୋରୀମାନଙ୍କୁ ସାମାଜିକ ମିଡ଼ିଆ ଦ୍ୱାରା ସେମାନଙ୍କର ସାଙ୍ଗସାଥୀ ବା ସହାଧ୍ୟାୟୀମାନେ ଅନ୍‌ଲାଇନ୍ ଧମକ ଦିଅନ୍ତି । ସେମାନଙ୍କୁ ବାଜେ ଗପ ଓ ନିନ୍ଦା କରି ଡରାନ୍ତି । ଏହାଦ୍ୱାରା ଅନେକେ ଆତ୍ମହତ୍ୟା ମଧ୍ୟ କରନ୍ତି । Cyberbullying ଟେକ୍‌ନୋଲଜି ଦ୍ୱାରା ଯେକୌଣସି ବ୍ୟକ୍ତିକୁ ହଇରାଣ କରାଯାଏ, ଧମକ ଦିଆଯାଏ, ଅସୁବିଧାରେ ପକାଇବା ପାଇଁ ଚେଷ୍ଟା କରାଯାଏ । ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ । ଏ ବିଷୟରେ ଅଧିକ ଜାଣିବା ପାଇଁ http://cyberbullying.us/ ଏକ ଉପଯୋଗୀ ସାଇଟ୍ ।

## ୪. ବୃଥା ଗପସପ ସମ୍ପର୍କ ନଷ୍ଟ କରେ

ବୃଥା ଗପସପ, ନିନ୍ଦା ଓ ଅନ୍ୟମାନଙ୍କ ବିଷୟରେ ଭୁଲ ତଥ୍ୟ ପ୍ରସାରିତ କରିବା ଦ୍ୱାରା ସମ୍ପର୍କ ତୁଟିଯାଏ । ଜଣେ ତା' ବିଷୟରେ ମିଥ୍ୟା ପ୍ରଚାରିତ ହେବା ଶୁଣିଲେ ଆଘାତ ପାଏ । ତା' ମଧ୍ୟରେ କ୍ରୋଧ ଓ ବିଦ୍ୱେଷଭାବ ଜାତ ହୁଏ ଏବଂ ଉତ୍ତମ ସମ୍ପର୍କରେ ଯବନିକା ପଡ଼ିଯାଏ ।

ନିମ୍ନୋକ୍ତ ଶାସ୍ତ୍ରାଂଶଗୁଡ଼ିକୁ ପାଠ କରନ୍ତୁ :

''କୁଟିଳ ମନୁଷ୍ୟ କଳି ବୁଣେ, ପୁଣି କର୍ଣ୍ଣେଜପ ବିଶେଷ ମିତ୍ରଗଣଙ୍କୁ ବିଭିନ୍ନ କରେ'' (ହିତୋ ୧୬: ୨୮) ।

''ଯେପରି ଉତ୍ତରୀୟ ବାୟୁ ବୃଷ୍ଟିର ଉତ୍ପାଦକ, ସେପରି ଖଚୁଆର ଜିହ୍ୱା କ୍ରୋଧଦୃଷ୍ଟିର ଉତ୍ପାଦକ'' (ହିତୋ ୨୫ :୨୩) ।

''କାଷ୍ଠ ଶେଷ ହେଲେ ଅଗ୍ନି ନିଭି ଯାଏ, କର୍ଣ୍ଣେଜପ  ନ ଥିଲେ କଳି ନିବୃତ୍ତ ହୁଏ'' (ହିତୋ ୨୬: ୨୦) ।

ବୃଥା ଗପସପ କ୍ଷୁଦ୍ର ବୀଜସବୁ ପରି ସର୍ବୋତ୍ତମ ବନ୍ଧୁମାନଙ୍କ ମଧ୍ୟରେ ସମ୍ପର୍କ ତୁଟାଇ ପାରେ କାରଣ ଏହା ଅବିଶ୍ୱାସ ଓ କଳହ ଜନ୍ମାଇଥାଏ । ସମ୍ପର୍କସମୂହ ତୁଟି ଯାଇଥାଏ । ଗପସପ ଭୁଲ ଆବେଗ ଓ ମନ୍ଦ-ମନୋଭାବ ସୃଷ୍ଟି କରେ । ଲୋକମାନେ ବିଭାଜିତ ହୋଇ କୌଣସି ଏକ ପକ୍ଷ ନେଇଥାନ୍ତି । ଏହା କର୍ମସ୍ଥଳରେ ବା ଯେକୌଣସି ସମ୍ପ୍ରଦାୟରେ ଘଟିପାରେ । ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବାକୁ ହେଲେ ଆମେ ଏପରି ବୃଥା ଗପସପକୁ ବନ୍ଦ କରିବା ଆବଶ୍ୟକ ।

## ଅନୁଚିନ୍ତା

୧. ଗପସପର ଅନ୍ୟ କେତୋଟି ନକାରାତ୍ମକ ପ୍ରଭାବ କ'ଣ ହୋଇପାରେ ଚିନ୍ତା କରନ୍ତୁ ।

୨. ବାସ୍ତବ ଜୀବନରେ ଲୋକମାନଙ୍କ ଆବେଗକୁ ଗପସପ କିପରି ପ୍ରଭାବିତ କରିଛି ଲକ୍ଷ୍ୟ କରିଛନ୍ତି କି? ତା'ର ପରିଣାମ କ'ଣ ହୋଇଥିଲା ?

୩. ବାସ୍ତବ ଜୀବନରେ ଗପସପ କିପରି ସମ୍ପର୍କସବୁକୁ ଭାଙ୍ଗି ଦେଇଛି ଲକ୍ଷ୍ୟ କରିଛନ୍ତି କି? ପରିଣାମ କ'ଣ ହୋଇଥିଲା ? ଲୋକମାନେ କ'ଣ ମିଳିତ ହେଲେ ଓ ଗପସପ କରିବା ବନ୍ଦ କଲେ ? ତେବେ କିପରି ସେମାନେ ତାହା କରିପାରିଥିଲେ ?

# ୪

# ଗପସପ ବିରୁଦ୍ଧରେ ଈଶ୍ୱରଙ୍କ କଡ଼ା ଆଭିମୁଖ୍ୟ

ଧର୍ମଶାସ୍ତ୍ରରେ ଗପସପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ, ଖଟୁଆମି ସମ୍ପର୍କରେ କ'ଣ କୁହାଯାଇଛି ଆମେ ଦେଖିଛୁ । ତେବେ ଈଶ୍ୱର ଗପସପକୁ ନେଇ କେତେକ ସ୍ଥାନରେ ଗମ୍ଭୀର ରୂପେ ଭର୍ତ୍ସନା କରିଛନ୍ତି । ସେସବୁ ଆମେ ଦେଖିବା ।

ଦଶଆଜ୍ଞାରେ ମିଥ୍ୟା ସାକ୍ଷ୍ୟ ନ ଦେବା ବିଷୟରେ ଏକ ଆଜ୍ଞା ରହିଛି:

''ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବନାହିଁ'' (ଯାତ୍ରା ୨୦:୧୬)

ଏହାର ଅର୍ଥ ଆପଣ ନିଜର ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା କହିବେନି, କଦର୍ଥ କରି ଭୁଲ ତଥ୍ୟ ପ୍ରସାରିତ କରିବେନି ।

ନିନ୍ଦା କରିବା ବିଷୟରେ ଈଶ୍ୱର ତାଙ୍କ ଲୋକମାନଙ୍କୁ ଭର୍ତ୍ସନା କରନ୍ତି ଓ ଚେତାବନୀ ଦିଅନ୍ତି ଯେ ସେ ସେମାନଙ୍କୁ ଶାସନ କରିବେ ଓ ବିଷୟସବୁକୁ ସଜାଡ଼ିବେ ।

''ତୁମ୍ଭେ ମନ୍ଦ ବିଷୟରେ ଆପଣା ମୁଖ ବଢ଼ାଉଅଛ ଓ ତୁମ୍ଭର ଜିହ୍ୱା ପ୍ରବଞ୍ଚନା କଳ୍ପନା କରେ । ତୁମ୍ଭେ ଆପଣା ଭାଇ ବିରୁଦ୍ଧରେ ବସି କଥା କହୁଅଛ; ତୁମ୍ଭେ ଆପଣା ମାତୃପୁତ୍ରର ନିନ୍ଦା କରୁଅଛ । ତୁମ୍ଭେ ଏହିସବୁ କରି ଆସିଅଛ ଓ ଆମ୍ଭେ ନୀରବ ହୋଇ ରହିଅଛୁ'' (ଗୀତ ୫୦ : ୧୯-୨୧) ।

ମିଥ୍ୟ ସାକ୍ଷ୍ୟ ଦେବା, ଅନ୍ୟମାନଙ୍କ ସମ୍ବନ୍ଧରେ  ମିଥ୍ୟା କହିବା ଏବଂ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣିବାକୁ ଈଶ୍ୱର ଘୃଣା କରନ୍ତି ।

''ଛଅଗୋଟି ବିଷୟକୁ ସଦାପ୍ରଭୁ ଘୃଣା କରନ୍ତି; ସପ୍ତବସ୍ତୁ ମଧ୍ୟ ତାହାଙ୍କର ଘୃଣାଯୋଗ୍ୟ । ଅହଙ୍କାର-ଦୃଷ୍ଟି, ମିଥ୍ୟାବାଦୀ-ଜିହ୍ୱା ଓ ନିର୍ଦ୍ଦୋଷର ରକ୍ତପାତକାରୀ-ହସ୍ତ; ଅନିଷ୍ଟଚିନ୍ତକ ଅନ୍ତଃକରଣ, କୁକର୍ମ କରିବାକୁ ବେଗଗାମୀ ଚରଣ; ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣଇ'' (ହିତୋ ୬: ୧୬-୧୯) ।

ଆମେ ଆଗରୁ ଦେଖିଛୁ ଯେ ଲୋକମାନଙ୍କ ମଧ୍ୟରେ କଳି ଓ ଅନୈକ୍ୟର ବୀଜ ବୁଣିବାର ଅନ୍ୟତମ କାରଣ ହେଉଛି ବୃଥା ସପସପ ଓ ନିନ୍ଦା । ଏହାକୁ ଈଶ୍ୱର ଘୃଣା କରନ୍ତି ।

ଜଣେ ନିନ୍ଦକକୁ ଅଜ୍ଞାନ କୁହାଯାଇଛି । ତେଣୁ ଗପସପ କରିବା ମୂର୍ଖାମିର ପରିଚୟ ।

''ଯେ ହିଂସା ଆଚ୍ଛାଦନ କରେ, ତାହାର ଓଷ୍ଠାଧର ମିଥ୍ୟାବାଦୀ; ପୁଣି, ଯେ ଅପବାଦ ରଚନା କରଇ, ସେ ଅଜ୍ଞାନ'' (ହିତୋ ୧୦: ୧୮) ।

ରୋମୀ ୧: ୨୮-୩୨ ରେ କର୍ଣ୍ଣେଜପ (ବୃଥା ଗପସପକାରୀ) ଓ ନିନ୍ଦକମାନଙ୍କୁ ନରହତ୍ୟା ଓ ବ୍ୟଭିଚାର, ଇତ୍ୟାଦି ପାପର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ।

''ଆଉ, ଯେପରି ସେମାନେ ଈଶ୍ୱରବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲେ, ସେହିପରି ଈଶ୍ୱର ଅନୁଚିତ କର୍ମ କରିବା ନିମନ୍ତେ ସେମାନଙ୍କୁ ଭ୍ରଷ୍ଟ ମତିରେ ସମର୍ପଣ କଲେ । ସେମାନେ ସର୍ବପ୍ରକାର ଅଧର୍ମ, ଦୁଷ୍ଟତା, ଲୋଭ, ହିଂସା, ଈର୍ଷା, ବଧ, ବିବାଦ, ଛଳ ଓ ମନ୍ଦତାରେ ପରିପୂର୍ଣ୍ଣ; ସେମାନେ କର୍ଣ୍ଣେଜପ, ନିନ୍ଦକ, ଈଶ୍ୱରଙ୍କ ଘୃଣ୍ୟ, ଅତ୍ୟାଚାରୀ, ଦାମ୍ଭିକ, ଅହଂକାରୀ, ଦୁଷ୍କର୍ମର ଉତ୍ପାଦକ, ପିତାମାତାଙ୍କ ଅନାଜ୍ଞାବହ, ନିର୍ବୋଧ, ନିୟମ-ଭଗ୍ନକାରୀ, ସ୍ୱାଭାବିକ ସ୍ନେହ-ରହିତ ଓ ନିର୍ଦ୍ଦୟ ଅଟନ୍ତି । ଯେଉଁମାନେ ଏହିପରି ଆଚରଣ କରନ୍ତି, ସେମାନେ ଯେ ମୃତ୍ୟୁର ଯୋଗ୍ୟ, ଈଶ୍ୱରଙ୍କର ଏହି ବିଧାନ ସେମାନେ ଜାଣିଲେ ସୁଦ୍ଧା କେବଳ ଯେ ଏହିପ୍ରକାର ଆଚରଣ କରନ୍ତି, ତାହା ନୁହେଁ, କିନ୍ତୁ ଏହିପରି ଆଚରଣ କରୁଥିବା ଲୋକମାନଙ୍କ ପକ୍ଷ ଆନନ୍ଦରେ ସମର୍ଥନ କରନ୍ତି'' (ରୋମୀ ୧: ୨୮-୩୨) ।

''ଯେଉଁମାନେ ଏହିପରି ଆଚରଣ କରନ୍ତି, ସେମାନେ ମୃତ୍ୟୁର ଯୋଗ୍ୟ''- ଏହି ବାକ୍ୟ କର୍ଣ୍ଣେଜପ ଓ ନିନ୍ଦକମାନଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ । ଦେଖନ୍ତୁ ବୃଥା ଗପସପକାରୀଙ୍କ ଉପରେ ଈଶ୍ୱରଙ୍କର କେଡ଼େ କଡ଼ା ଆଭିମୁଖ୍ୟ ରହିଛି । ସରଳଭାବେ କହିଲେ ଗପସପ କରିବା ପାପ ଅଟେ । ଏହା ଈଶ୍ୱରଙ୍କ ଦୃଷ୍ଟିରେ ଏକ ଅପରାଧ ।

ଏଣୁ ଆମେ ବୃଥା ଗପସପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ, ଖଚୁଆମିରେ ଆଦୌ ଲିପ୍ତ ରହିବା ନାହିଁ ।

## ଅନୁଚିନ୍ତା

ଯଦି ବାଇବଲ ବୃଥା ଗସପପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ ଓ ଖଚୁଆମି ଭଳି ପାପ ସମ୍ବନ୍ଧରେ ଏତେ ସ୍ପଷ୍ଟ ରୂପେ କହେ, ତେବେ ବିଶ୍ୱାସୀମାନେ କାହିଁକି ଏସବୁରେ ଲିପ୍ତ ରହନ୍ତି, ଅଂଶଗ୍ରହଣ କରନ୍ତି ?

## ୫

# ଗପସପର ମୁକାବିଲା କିପରି କରିବେ ?

ଯଦି ଆମ ଚାରିପାଖରେ ଥିବା ଲୋକମାନେ ବୃଥା ଗପସପ, ନିନ୍ଦା, ଚୁଗୁଲି ଓ ଗୁଜବ ପ୍ରସାରରେ ଲିପ୍ତ ରହନ୍ତି ଆମେ ସେହି ପରିସ୍ଥିତିରେ କ'ଣ କରିବା ଉଚିତ ? ଏସବୁର ଶିକାର ହେଲେ ଏହାକୁ କିପରି ସାମ୍ନା କରିବା? ଆମ ସମ୍ପର୍କରେ ପ୍ରଚାରିତ ଭୁଲ ସମ୍ବାଦ ଯୋଗୁଁ ଯେଉଁସବୁ ଅଖ୍ୟାତି, ଆବେଗପୂର୍ଣ୍ଣ ଆଘାତ ଓ ଅନ୍ୟାନ୍ୟ ପ୍ରଭାବ ଆମେ ଭୋଗ କରୁ ଆମେ ତା'ର କ'ଣ ଉତ୍ତର ଦେବା ?

### (କ) ଗପସପର ଊର୍ଦ୍ଧ୍ୱକୁ ଉଠନ୍ତୁ

ପ୍ରଥମତଃ, ଆମେ ପ୍ରତ୍ୟେକେ ସଂକଳ୍ପବଦ୍ଧ ଓ ଶୃଙ୍ଖଳିତ ହେବା ଯେ ଆମେ କୌଣସିମତେ ବୃଥା ଗପସପରେ ଅଂଶଗ୍ରହଣ କରିବା ନାହିଁ । ଆମେ କେବେହେଲେ ନିମ୍ନସ୍ତରକୁ ଓହ୍ଲାଇ ଯାଇ ଏପରି କଥାବାର୍ତ୍ତା ଓ କାର୍ଯ୍ୟକଳାପରେ ଜଡ଼ିତ ହେବାନାହିଁ । ଯଦିବା ଭୁଲ କ୍ରମେ କୌଣସି ସ୍ଥାନରେ ବା କୌଣସି ପରିସ୍ଥିତିରେ ଆମେ ପହଞ୍ଚି ଦେଖୁ ଯେ ଲୋକେ ବୃଥା ଗପସପ କରୁଛନ୍ତି, ଆମେ ସେଠାରେ ଅଂଶଗ୍ରହଣ କରିବା ନାହିଁ ଓ ବୃଥା ଗପସପରେ ଭାଗ ନେବା ନାହିଁ ।

''ତୁମେ ହିଂସାରୁ ଆପଣା ଜିହ୍ୱା ଓ ଛଳବାକ୍ୟରୁ ଆପଣା ଓଷ୍ଠାଧର ରକ୍ଷା କର'' (ଗୀତ ୩୪: ୧୩) ।

''ମୁଁ କହିଲି, ମୁଁ ଜିହ୍ୱାରେ ପାପ ନ କରିବା ପାଇଁ ଆପଣା ପଥ ବିଷୟରେ ସାବଧାନ ହେବି; ଦୁଷ୍ଟ ମୋ' ସମ୍ମୁଖରେ ଥିବା ପର୍ଯ୍ୟନ୍ତ ମୁଁ ଆପଣା ମୁଖକୁ ଲଗାମ ଦେଇ ରଖିବି'' (ଗୀତ ୩୯:୧) ।

''କାରଣ ହେ ସଦାପ୍ରଭୋ, ଦେଖ, ଯାହା ତୁମ୍ଭଙ୍କୁ ସମ୍ପୂର୍ଣ୍ଣ ଗୋଚର ନୁହେଁ, ଏପରି ଗୋଟିଏ କଥା ମୋ' ଜିହ୍ୱାରେ ନାହିଁ'' (ଗୀତ ୧୩୯:୪)

ଆମ୍ଭେମାନେ ନିଜନିଜକୁ ସଂଯତ କରିବା ଓ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିବା ନାହିଁ । ଆମେ ଜାଣୁ ଗପସପକୁ ଆମେ ଈଶ୍ୱରଙ୍କ ଠାରୁ ଲୁଚାଇ ରଖି ପାରିବା ନାହିଁ, ଯଦିବା ଏହା କାନରେ କହିବା ହୁଏ ।

ଯଦି ଆପଣ କାହା ଆଗରେ କିଛି କହିପାରୁ ନାହାନ୍ତି, ତେବେ ତାଙ୍କ ପଛରେ ତାହା କହନ୍ତୁ ନାହିଁ ।

ଅନ୍ୟର ଆଗରେ ଆପଣ ଯାହା କହିଥାନ୍ତେ, ତାଙ୍କ ପଛରେ ବି ତାହା କହିବା ଉଚିତ ।

ଅନ୍ୟମାନଙ୍କ ପ୍ରତି ଆପଣଙ୍କ ହୃଦୟକୁ ପରିଷ୍କାର ଓ ନିର୍ଦ୍ଦୋଷ ରଖନ୍ତୁ ଓ ମନ୍ଦ ମନୋଭାବରୁ ମୁକ୍ତ ରଖନ୍ତୁ । ପ୍ରେମରେ ଆଚରଣ କରିବାର ଲକ୍ଷ୍ୟ ରଖନ୍ତୁ । ଏହାଦ୍ୱାରା ଆପଣ ଅନ୍ୟମାନଙ୍କର ମର୍ଯ୍ୟାଦା ହାନି, କ୍ଷତି ବା ବିନାଶ କଲାଭଳି କଥାବାର୍ତ୍ତା କରିବେ ନାହିଁ ।

''କାରଣ ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୌର୍ଯ୍ୟ, ମିଥ୍ୟାସାକ୍ଷ୍ୟ ଓ ନିନ୍ଦା ବାହାରେ'' (ମାଥିଉ ୧୫: ୧୯) ।

''କାରଣ ବ୍ୟଭିଚାର କର ନାହିଁ, ନରହତ୍ୟା କର ନାହିଁ, ଚୋରି କର ନାହିଁ, ଲୋଭ କର ନାହିଁ, ପୁଣି ଯଦି ଆଉ କୌଣସି ଆଜ୍ଞା ଥାଏ, ତାହା ସାରଭାବେ ଏହି ବାକ୍ୟର ଅନ୍ତର୍ଗତ ଅଟେ, ଯଥା, ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର'' (ରୋମୀ ୧୩: ୯) ।

ପ୍ରତିଶୋଧ ନେବାକୁ ମନା କରନ୍ତୁ । ଗୁଜବ ପ୍ରଚାର କରି ଆପଣ ବୃଥା ଗପସପ ଉପରେ ଜିତି ପାରିବେ ନାହିଁ ।

## (ଖ) ପ୍ରେମରେ ସାମ୍ନା କରନ୍ତୁ

ଯଦି ସମ୍ଭବ ହୁଏ, ଗୁଜବ ଓ ଭୁଲ ସୂଚନା ଦେଇଥିବା ମୂଳ ବ୍ୟକ୍ତି ସଙ୍ଗେ, ବା ଗପସପ କରୁଥିବା ଲୋକମାନଙ୍କ ସଙ୍ଗେ ଆଲୋଚନା କରନ୍ତୁ । ପ୍ରେମରେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ, ଗପସପ ଜନିତ ପ୍ରଚାର ଦ୍ୱାରା କିପରି ଅନ୍ୟମାନଙ୍କର କ୍ଷତି ହୋଇଥାଏ । ଉତ୍ସାହିତ କରନ୍ତୁ ସେମାନେ ଯେପରି ଏହା ପରିତ୍ୟାଗ କରନ୍ତି । ଯେଉଁମାନେ ଏଥିରେ ସଂପୃକ୍ତ ସେମାନଙ୍କ ସହିତ ବାସ୍ତବ ବିଷୟକୁ ନେଇ ଆଲୋଚନା କରନ୍ତୁ । ସେମାନେ ଯେପରି ଆଉ ଏ ବିଷୟରେ ଆଉ ଗପସପ ନ କରନ୍ତି ।

## (ଗ) ଗପସପର ଅନ୍ତ ହେଉ

ଗପସପକୁ ପ୍ରଜ୍ବଳିତ କରନ୍ତୁ ନାହିଁ । ଏହାକୁ ନିର୍ବାପିତ କରନ୍ତୁ । ଯେକୌଣସି ପରିସ୍ଥିତିରେ ଯେତେ କମ୍ କହିବେ ସେତେ ଭଲ । ଯଦି ଅଧିକ ଲୋକ ଗପସପରେ ଯୋଗଦାନ ନ କରନ୍ତି, କାହାଣୀର ଅନ୍ତ ଘଟିବ ।

ଯଦି ସମ୍ଭବ ହୁଏ, ଗପସପକୁ ବ୍ୟର୍ଥ କରିବା ପାଇଁ ଚର୍ଚ୍ଚିତ ବ୍ୟକ୍ତି ସପକ୍ଷରେ ବା ପରିସ୍ଥିତି ସପକ୍ଷରେ ସକାରାତ୍ମକ ବିଷୟ କହନ୍ତୁ । ଲୋକେ ଯେପରି ବିଷୟ ସବୁର ସକାରାତ୍ମକ ଦିଗକୁ ଦେଖିବେ ସେଦିଗରେ ସାହାଯ୍ୟ କରନ୍ତୁ । ଗପସପ ବା ଗୁଜବ ଅର୍ଦ୍ଧ-ସତ୍ୟ, ଅସଂପୂର୍ଣ୍ଣ ତଥ୍ୟ ବା ଭୁଲ ତଥ୍ୟ ଉପରେ ପର୍ଯ୍ୟବେଶିତ । ତେଣୁ ବିଷୟସବୁର ଉତ୍ତମ ଦିଗଗୁଡ଼ିକ ବିଷୟରେ କହିଲେ, ଆମେ ପରିବ୍ୟାପ୍ତ ହେଉଥିବା ଅର୍ଦ୍ଧସତ୍ୟସବୁକୁ ନିଷ୍ଫଳ କରିଥାଉ ।

## (ଘ) ପ୍ରାର୍ଥନା କରନ୍ତୁ, କ୍ଷମା ଦିଅନ୍ତୁ ଓ ମୁକ୍ତ କରନ୍ତୁ

ଆପଣ ଯଦି ନିନ୍ଦା ଓ ବୃଥା ଗପସପର ଶିକାର ହୋଇଛନ୍ତି, ପ୍ରାର୍ଥନା କରନ୍ତୁ । ପ୍ରଭୁ ଆପଣଙ୍କର ପ୍ରତିରକ୍ଷା କରିବେ ।

''କାରଣ ମୁଁ ଅନେକଙ୍କଠାରୁ ନିନ୍ଦାବାଦ ଶୁଣିଅଛି, ଚତୁର୍ଦ୍ଦିଗରେ ଆଶଙ୍କା; ସେମାନେ ମୋ' ବିରୁଦ୍ଧରେ ଏକତ୍ର ମନ୍ତ୍ରଣା କଲା ବେଳେ ମୋ' ପ୍ରାଣ ନେବା ପାଇଁ ସଙ୍କଳ୍ପ କଲେ । ମାତ୍ର ହେ ସଦାପ୍ରଭୋ, ମୁଁ ତୁମ୍ଭଠାରେ ନିର୍ଭର ରଖିଲି; ମୁଁ କହିଲି, ତୁମ୍ଭେ ମୋହର ପରମେଶ୍ୱର । ମୋହର ସମୟସବୁ ତୁମ୍ଭର ହସ୍ତଗତ; ମୋ' ଶତ୍ରୁଗଣ ହସ୍ତରୁ ଓ ମୋ' ତାଡ଼ନାକାରୀମାନଙ୍କଠାରୁ ମୋତେ ଉଦ୍ଧାର କର । ଆପଣା ଦାସ ପ୍ରତି ଆପଣା ମୁଖ ପ୍ରସନ୍ନ କର; ଆପଣା ସ୍ନେହପୂର୍ଣ୍ଣ କରୁଣାରେ ମୋତେ ପରିତ୍ରାଣ କର'' (ଗୀତ ୩୧ :୧୩-୧୬) ।

ଲୋକମାନେ ଯେତେବେଳେ ଆପଣଙ୍କୁ ନେଇ ଚର୍ଚ୍ଚା କରନ୍ତି ଓ ଆପଣଙ୍କ ସମ୍ପର୍କରେ ଗୁଜବ ପ୍ରସାରିତ କରନ୍ତି, ଆପଣ ଆଘାତ ପାଇଥାନ୍ତି । ଆପଣଙ୍କର ଯନ୍ତ୍ରଣା ଓ ଆଘାତ ଜନିତ ଅନୁଭବ ପ୍ରାର୍ଥନାରେ ଈଶ୍ୱରଙ୍କ ନିକଟକୁ ନେଇଯାନ୍ତୁ । ଈଶ୍ୱରଙ୍କ ନିକଟରେ ସବୁକଥା କହନ୍ତୁ । ଆପଣଙ୍କ ହୃଦୟର ସବୁକଥା ଓ ଅନୁଭବକୁ ତାଙ୍କ ନିକଟରେ ଢାଳି ଦିଅନ୍ତୁ ।

ଯେଉଁମାନେ ଏହା କରୁଛନ୍ତି ସେମାନଙ୍କୁ କ୍ଷମା ଦିଅନ୍ତୁ । ସେମାନେ ଯାହା କରନ୍ତୁ ପଛକେ ସେମାନଙ୍କୁ ପ୍ରେମ କରନ୍ତୁ । ସେମାନେ ଯାହାସବୁ କରନ୍ତି ସେଥିରେ ବିଶ୍ୱାସଘାତକତା କରିବା, ପ୍ରତିଶୋଧ ନେବା ଓ ଅନ୍ୟାନ୍ୟ ମନ୍ଦ ଉଦ୍ଦେଶ୍ୟ ରହିଥାଇପାରେ । କିନ୍ତୁ ଆପଣ ସେମାନଙ୍କୁ ଈଶ୍ୱରଙ୍କ ପ୍ରେମରେ ପ୍ରେମ କରନ୍ତୁ । ସେମାନଙ୍କୁ ତଥାପି କ୍ଷମାଦେବାକୁ ଓ ମୁକ୍ତ କରିବାକୁ ମନୋନୀତ କରନ୍ତୁ ଏବଂ ଆପଣଙ୍କର ପ୍ରତିରକ୍ଷା ଓ ନିର୍ଦ୍ଦୋଷତାସିଦ୍ଧ କରିବା ପାଇଁ ଈଶ୍ୱରଙ୍କ ଆଡ଼କୁ ଅନାନ୍ତୁ ।

‘‘କିନ୍ତୁ ଶ୍ରବଣ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମୁଁ କହୁଅଛି, ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର; ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର; ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର; ଯେଉଁମାନେ ତୁମ୍ଭମାନଙ୍କୁ ଅପମାନ କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର’’ (ଲୂକ ୬: ୨୭-୨୮) ।

## ଆସନ୍ତୁ ଆମେ ଆମ ସମ୍ପ୍ରଦାୟକୁ ଗପସପମୁକ୍ତ କରିବା

ଆମର ସମ୍ପ୍ରଦାୟର ଲୋକମାନେ ଗପସପ, ଚୁଗୁଲି, ନିନ୍ଦା, ଗୋପନରେ ଆଘାତ, ଖଚୁଆମିକୁ ଆଦୌ ପ୍ରଶ୍ରୟ ନ ଦେଉନ୍ତୁ । ଏସବୁ ଆମ ମଧ୍ୟରେ ମୋଟେ ସ୍ଥାନ ନ ପାଉ । ବୃଥା ଗପସପ ଅନାବନା ଉଦ୍ଭିଦସବୁ ପରି ଈଶ୍ୱରଙ୍କ ସୁନ୍ଦର ଉଦ୍ୟାନ ସଦୃଶ ମଣ୍ଡଳୀକୁ ଚାପି ପକାଏ । ଆସନ୍ତୁ ଆମେ ଏକ ସଂସ୍କୃତି ସୃଷ୍ଟି କରିବା ଓ ଆତ୍ମ-ଶୃଙ୍ଖଳା ବିକଶିତ କରିବା ଯଦ୍ଦ୍ୱାରା ତାହାଙ୍କର ଉଦ୍ୟାନରେ ଅନାବଶ୍ୟକ ଉଦ୍ଭିଦସବୁ ଆଉ ରହିବ ନାହିଁ ।

## ଅନୁଚିନ୍ତା

ଆପଣ ଏବେ ଏପରି କୌଣସି ନିର୍ଦ୍ଦିଷ୍ଟ ପରିସ୍ଥିତିସବୁର ସାମ୍ନା କରୁଛନ୍ତି କି, ଯେଉଁଥିରେ ଲୋକେ ବୃଥା ଗପସପ, ନିନ୍ଦା ଓ ଚୁଗୁଲିରେ ଲିପ୍ତ ରହୁଛନ୍ତି ଏବଂ ତହିଁ ମଧ୍ୟରୁ ଆପଣ  ବାହାରି ଆସିବା ଜରୁରୀ ହୋଇ ପଡ଼ିଛି ? ଆପଣ ଏହି ନିର୍ଦ୍ଦିଷ୍ଟ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ କ’ଣ କରିବେ ?

## ୬

# ପ୍ରାର୍ଥନା

### ୧. ପାପ ସ୍ୱୀକାର ଓ ଅନୁତାପର ପ୍ରାର୍ଥନା

*ପ୍ରିୟ ସ୍ୱର୍ଗସ୍ଥ ପିତା, ମୁଁ ସ୍ୱୀକାର କରୁଛି ଯେ ମୁଁ ମୋର କଥାବାର୍ତ୍ତାରେ ସାବଧାନ ହୋଇନାହିଁ । ଜାଣତରେ ବା ଅଜାଣତରେ ମୁଁ ଗପସପରେ, ନିନ୍ଦା କରିବାରେ ଓ ଅନ୍ୟମାନଙ୍କ ବିରୁଦ୍ଧରେ କଥା କହିବାରେ ଅଂଶଗ୍ରହଣ କରିଛି । ଗୁଜବ ପ୍ରସାରିତ କରିବା ଓ ଲୋକମାନଙ୍କୁ ବଦ୍‌ନାମ କରିବା ଦୋଷରେ ମୁଁ ଦୋଷୀ । ମୁଁ ମୋର ଏହି ଭୁଲ କାର୍ଯ୍ୟ ଯୋଗୁଁ ଅନୁତାପ କରୁଛି ଓ ତୁମର କ୍ଷମା ଭିକ୍ଷା କରୁଛି । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୋର ପାପରୁ ମୋତେ ପରିଷ୍କୃତ କର । ମୁଁ ମୋର ଏହି ଗପସପ କରିବାର ଜୀବନଶୈଳୀକୁ ପରିତ୍ୟାଗ କରୁଛି । ମୋର ମୁଖ ଆଗରେ ପ୍ରହରୀ ନିଯୁକ୍ତ କର ଯେପରି ମୁଁ ଆଉ ଗପସପରେ ମାତିବି ନାହିଁ, ନିନ୍ଦା କରିବି ନାହିଁ ଓ ଅନ୍ୟମାନଙ୍କ ବିରୁଦ୍ଧରେ କଥା ହେବି ନାହିଁ । ଏହା କରିଥିବାରୁ ତୁମକୁ ଧନ୍ୟବାଦ ଦେଉଛି । ଯୀଶୁଙ୍କ ନାମରେ ମାଗୁଛି । ଆମେନ୍ ।*

### ୨. ଅତୀତରେ ବୃଥା ଗପ ଦ୍ୱାରା ଆଘାତପ୍ରାପ୍ତ ଲୋକଙ୍କ ପାଇଁ ପ୍ରାର୍ଥନା

*ପ୍ରିୟ ପିତା, ମୁଁ ତୁମ ନିକଟରେ ମୋର ହୃଦୟକୁ ଢାଳି ଦେଉଛି କାରଣ ମୁଁ ଜାଣେ ଯେ ତୁମେ ମୋତେ ପ୍ରେମ କର ଓ ମୋର ଯତ୍ନତତ୍ତ୍ୱ ନେଉଛ । ତୁମେ ମୋର ଅନ୍ତରର ଚିନ୍ତାସବୁକୁ ଓ ଅନୁଭବସବୁକୁ ଜାଣ । ତୁମେ ଜାଣ ଯେ ମୋ ନାମରେ ବୃଥା ଗପ, ନିନ୍ଦା ଓ ଗୁଜବ ପ୍ରସାର ଯୋଗୁଁ ମୁଁ ଆଘାତପ୍ରାପ୍ତ ଓ ଯନ୍ତ୍ରଣାଗ୍ରସ୍ତ । ଯେଉଁମାନେ (ଲୋକଙ୍କ ନାମ ଓ ପରିସ୍ଥିତି) ଏହା କରିଛନ୍ତି ସେମାନଙ୍କ ଉପରେ ମୁଁ ଦୁଃଖିତ । ମୁଁ ତୁମ ନିକଟକୁ ମୋର ପୀଡ଼ା ଓ ଆବେଗସବୁକୁ ଆଣୁଅଛି ଏବଂ ପ୍ରାର୍ଥନା କରୁଛି ମୋର ଯନ୍ତ୍ରଣାରୁ ମୋତେ ସୁସ୍ଥ କର । ହେ ପ୍ରଭୁ ମୋର ଆବେଗସବୁକୁ ଓ ସ୍ମୃତିସକଳକୁ ସୁସ୍ଥ କର । ପବିତ୍ର ଆତ୍ମାଙ୍କ*

ଶକ୍ତିରେ ଏବଂ ସେ ମୋତେ ପ୍ରେମ କରିବାକୁ ଯେଉଁ ଶକ୍ତି ଦିଅନ୍ତି, ତଦନୁସାରେ, ମୋତେ ଆଘାତ କରିଥିବା ଲୋକମାନଙ୍କ ପ୍ରତି ମୁଁ କ୍ଷମା ମୁକ୍ତ କରୁଛି । ମୋ ହୃଦୟରେ ଈଶ୍ୱରଙ୍କର ଯେଉଁ ପ୍ରେମ ଢଳା ଯାଇଅଛି ତାହା ମୁଁ ସେମାନଙ୍କ ପ୍ରତି ମୁକ୍ତ କରୁଛି । ପ୍ରାର୍ଥନା କରୁଛି ଯେପରି ତୁମେ ସ୍ୱର୍ଗରୁ ହସ୍ତକ୍ଷେପ କରି ମୋ ଜୀବନରେ ଗୁଜବ, ଗପସପ ଓ ନିନ୍ଦାଜନିତ ସମସ୍ତ କ୍ଷୟକ୍ଷତିରୁ ମୋର ଜୀବନ ମୁକ୍ତ କର । ତୁମର ଅନୁଗ୍ରହ ଓ ସମ୍ମାନ ମୋ ଜୀବନରେ ଦିଅ । ତୁମର ହସ୍ତରେ ମୋତେ ଉଠାଅ । ହେ ପ୍ରଭୁ, ତୁମେ ମୋର ଗୌରବ ଓ ମସ୍ତକ ଉଠାଇବା କର୍ତ୍ତା ଅଟ । ହେ ପ୍ରଭୁ, ମୁଁ ତୁମକୁ ଅନାଏ ଏବଂ ମୋର ଚକ୍ଷୁ କେବଳ ତୁମ ଉପରେ ନିବଦ୍ଧ ରହିଛି । ପିତା, ମୋ ଜୀବନରେ ତୁମର କାର୍ଯ୍ୟ ହେତୁ ତୁମକୁ ଧନ୍ୟବାଦ ଦେଉଛି । ଯୀଶୁଙ୍କ ନାମରେ ମାଗୁଛି, ଆମେନ୍ ।

## ୩. ଗପସପର ପରିବେଶ ମଧ୍ୟରେ ରହିଥିବା ଲୋକଙ୍କ ନିମନ୍ତେ ପ୍ରାର୍ଥନା

ପ୍ରିୟ ପିତା, ମୁଁ ମୋର ହୃଦୟକୁ ତୁମ ନିକଟରେ ଢାଳି ଦେଉଛି କାରଣ ମୁଁ ଜାଣେ ଯେ ତୁମେ ମୋତେ ପ୍ରେମ କର ଓ ମୋର ଯତ୍ନତତ୍ତ୍ୱ ନେଉଛ । ତୁମେ ମୋ ଅନ୍ତରର ଚିନ୍ତା ସବୁ ଓ ଅନୁଭବସବୁକୁ ଜାଣ । ତୁମେ ଜାଣ ଯେ ମୋ ନାମରେ ବୃଥାଗପ, ନିନ୍ଦା ଓ ଗୁଜବ ପ୍ରସାର ଯୋଗୁଁ ମୁଁ ଆଘାତପ୍ରାପ୍ତ ଓ ଯନ୍ତ୍ରଣାଗ୍ରସ୍ତ । ଯେଉଁମାନେ (ଲୋକଙ୍କ ନାମ ଓ ପରିସ୍ଥିତି) ଏହା କରିଛନ୍ତି ସେମାନଙ୍କ ଉପରେ ମୁଁ ଦୁଃଖିତ । ମୁଁ ତୁମ ନିକଟକୁ ମୋର ପୀଡ଼ା ଓ ଆବେଗସବୁକୁ ଆଣୁଅଛି ଏବଂ ପ୍ରାର୍ଥନା କରୁଛି ମୋର ଯନ୍ତ୍ରଣାରୁ ମୋତେ ସୁସ୍ଥ କର । ପବିତ୍ର ଆତ୍ମାଙ୍କ ଶକ୍ତିରେ ଏବଂ ସେ ମୋତେ ପ୍ରେମ କରିବାକୁ ଯେଉଁ ଶକ୍ତି ଦିଅନ୍ତି, ତଦନୁସାରେ, ମୋତେ ଆଘାତ କରିଥିବା ଲୋକମାନଙ୍କ ପ୍ରତି ମୁଁ କ୍ଷମା ମୁକ୍ତ କରୁଛି । ମୋ ହୃଦୟରେ ଈଶ୍ୱରଙ୍କର ଯେଉଁ ପ୍ରେମ ଢଳା ଯାଇଅଛି ତାହା ମୁଁ ସେମାନଙ୍କ ପ୍ରତି ମୁକ୍ତ କରୁଛି । ପ୍ରାର୍ଥନା କରୁଛି ଯେପରି ତୁମେ ମୋ ପକ୍ଷରୁ ସ୍ୱର୍ଗରୁ ହସ୍ତକ୍ଷେପ କରି ସେମାନଙ୍କର ଗୁଜବ, ଗପସପ ଓ ନିନ୍ଦାସବୁକୁ ବନ୍ଦ କରି ଦିଅ । ତୁମର ଅନୁଗ୍ରହ ଓ ସମ୍ମାନ ମୋ ଜୀବନରେ ଦିଅ । ତୁମର ହସ୍ତରେ ମୋତେ ଉଠାଅ । ହେ ପ୍ରଭୁ, ମୁଁ ତୁମକୁ ଅନାଏ ଏବଂ ମୋର ଚକ୍ଷୁ କେବଳ ତୁମ ଉପରେ ନିବଦ୍ଧ ରହିଛି । ପିତା, ମୋ ଜୀବନରେ ତୁମର କାର୍ଯ୍ୟ ହେତୁ ତୁମକୁ ଧନ୍ୟବାଦ ଦେଉଛି । ଯୀଶୁଙ୍କ ନାମରେ ମାଗୁଛି, ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church
Account Number : 0057213809
IFSC Code : CITI0000004
Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଲୋକମାନେ ସାଧାରଣତଃ ବୃଥା ଗପସପ, ଚୁଗୁଲି, ନିନ୍ଦା ଓ ଗୋପନରେ ଆଘାତ କରିବାରେ ଲିପ୍ତ ରହିଥାନ୍ତି । ସେମାନେ ବୁଝି ନ ଥାନ୍ତି ଯେ ବ୍ୟକ୍ତିବିଶେଷ, ସମ୍ପ୍ରଦାୟ, କାର୍ଯ୍ୟ ପରିବେଶ ଓ ଅନ୍ୟାନ୍ୟ ସାମାଜିକ ସଂଗଠନ ସବୁ ନିମନ୍ତେ ଏହାର କେତେ ନକାରାତ୍ମକ ପ୍ରଭାବ ରହିଛି । ଏହାଦ୍ୱାରା ଲୋକମାନେ ଆଘାତ ପାଇଥାନ୍ତି, ସମ୍ପ୍ରଦାୟଗୁଡ଼ିକ ବିଭାଜିତ ହୋଇଯାନ୍ତି, କାର୍ଯ୍ୟ ପରିବେଶ ବିରୋଧୀ ଓ ଅନୁତ୍ପାଦକ ହୋଇଯାଏ, କେବଳ ଏକ କ୍ଷୁଦ୍ର ବିଷୟ ପାଇଁ ଯାହାକୁ ବୃଥା ଗପ କୁହାଯାଏ । ଏହା ଅନାବନା ଉଦ୍ଭିଦ ସଦୃଶ ଯାହାକୁ ଉପୁଡ଼ା ନ ଗଲେ ଏହା ଏକ ସୁନ୍ଦର ଉଦ୍ୟାନକୁ ମଧ୍ୟ ନଷ୍ଟ କରିଦେଇପାରେ । ଏହି ପୁସ୍ତକରେ ବୃଥା ଗପ ସମ୍ପର୍କିତ ଧର୍ମଶାସ୍ତ୍ରର ଶିକ୍ଷା ଦ୍ୱାରା ଏବିଷୟରେ ସତର୍କ କରି ଦିଆଯାଇଛି । ଏହି ଜୀବନଶୈଳୀରୁ କିପରି ଆମେ ରକ୍ଷା ପାଇବା ଏଥିରେ କୁହାଯାଏ । ବୃଥା ଗପସପକୁ କିପରି ମୁକାବିଲା କରିବା ସେଥିପାଇଁ କେତେକ ସହଜ ବ୍ୟାବହାରିକ ସୋପାନ ଏଠାରେ ଆଲୋକିତ ହୋଇଛି । ଆମର ଆଶା ଏଥିରେ ଥିବା ସମସ୍ତ ଶିକ୍ଷାର ସାହାଯ୍ୟରେ ବିଭିନ୍ନ ସଂଗଠନ ସେମାନଙ୍କ କର୍ମସ୍ଥଳରେ ସୁସ୍ଥ ପରିବେଶ ବିକଶିତ କରିବେ; ଶିକ୍ଷା ଅନୁଷ୍ଠାନଗୁଡ଼ିକ ଛାତ୍ରମାନଙ୍କ ମଧ୍ୟରେ ବନ୍ଧୁଭାବାପନ୍ନ ଓ ସାହାଯ୍ୟକାରୀ ସମ୍ପର୍କସମୂହ ସୃଷ୍ଟି କରିବେ; ଏବଂ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବାସ କରିବେ । ବୃଥା ଗପସପ ବନ୍ଦ ହେଉ !

*ଆଶିଷ୍ ରାଇଚୁର୍*